# ଏକକ ୭ ଅନ୍ତଃର୍ନିବେଶୀ ଶିକ୍ଷାର ପୃଷ୍ଠଭୂମି

**ସଂରଚନା**

୭.୦ ଉପକ୍ରମ

୭.୧ ଶିକ୍ଷଣ ଉଦ୍ଦେଶ୍ୟ

୭.୨ ଅନ୍ତର୍ନିବେଶୀ ଶିକ୍ଷାର ଧାରଣା

୭.୩. ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରଭାବିତ କରୁଥିବା କାରକ

୭.୪. ଅନ୍ତର୍ନିବେଶୀ  ଶ୍ରେଣୀକକ୍ଷ ଗଠନ କରିବା

୭.୫ ଶିକ୍ଷା ବ୍ୟବସ୍ଥାରୁ ବହିଷ୍କାର ବା ଅଲଗା ହେବା ଯୋଗୁ ବିପଦରେ ଥିବା ପିଲାମାନେ

୭.୬ ସାରାଂଶ

୭.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୭.୮ ପାଠାନ୍ତ ପ୍ରଶ୍ନାବଳୀ

## ୭.୦: ଉପକ୍ରମ

ପ୍ରତ୍ୟେକ ଶିଶୁ ଦେଶର ଭବିଷ୍ୟତ  । ସେମାନେ ହେଉଛନ୍ତି ଦେଶର ଭାବୀ ନାଗରିକ । ଗୋଟିଏ ଜାତି/ଦେଶର ବିକାଶ ପ୍ରତ୍ୟେକଙ୍କର କର୍ତ୍ତବ୍ୟ  । ଏଥିନିମନ୍ତେ ଗୋଟିଏ ଦେଶ ତା'ର ସମସ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ସୁଖ, କୃତିତ୍ୱ, ଅବଦାନ, ନିରାପତ୍ତା ଏବଂ ସଫଳତା ବିଷୟରେ ସଚେତନ ହେବା ଆବଶ୍ୟକ । ଏହି ଲକ୍ଷ୍ୟ/ଆଭିମୁଖ୍ୟ ପୂରଣ ନିମନ୍ତେ 'ଶିଶୁର ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ (RTE Act 2009)' ଏକ ପ୍ରମୁଖ ପଦକ୍ଷେପ । ଏହି ଜାତୀୟ ଲକ୍ଷ୍ୟ ପୂରଣ ନିମନ୍ତେ ଶିକ୍ଷକ ହିସାବରେ ଆମର ଅବଦାନ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ପ୍ରକ୍ରିୟାରେ , ବିଭିନ୍ନତା ସତ୍ତ୍ୱେ ପ୍ରତ୍ୟେକ ଛାତ୍ରକୁ ସଶକ୍ତକରଣ କରିବା ଦିଗରେ ଆମର ସକ୍ରିୟ ଭୂମିକା/ଅଂଶଗ୍ରହଣ  ରହିବା ନିହାତି ଆବଶ୍ୟକ ଅଟେ । ଶିକ୍ଷାର୍ଥୀ ମାନଙ୍କର ବିଭିନ୍ନତା ସେମାନଙ୍କର ଶିକ୍ଷଣ ଦକ୍ଷତା, ସାମାଜିକ-ଅର୍ଥନୈତିକ ଭିତ୍ତିଭୂମି, ସାଂସ୍କୃତିକ  ବିଭେଦତା କିମ୍ବା ଆବେଗିକ ବ୍ୟବହାରଗତ ବୈଶିଷ୍ଟ୍ୟକୁ ନେଇ ହୋଇଥାଏ । ଶିକ୍ଷା ବ୍ୟବସ୍ଥାର ପ୍ରମୁଖ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା । ଏହି ଲକ୍ଷ୍ୟ/ଦୃଷ୍ଟିକୁ ପୂରଣ କରିବା ଦିଗରେ "ଅନ୍ତର୍ନିବେଶୀ ଶିକ୍ଷା" ଏକ ପଥ ପ୍ରଦର୍ଶକ ଭାବେ ଆର୍ବିଭୁତ ହୋଇଛି । ପ୍ରକୃତରେ ଏହାଏକ ଅତି ଉତ୍ସାହଜନକ ଓ ସକାରାତ୍ମକ ପଦକ୍ଷେପ ଅଟେ । ଏହି ଏକକରେ ପ୍ରଥମେ ଆମେ ଅନ୍ତର୍ନିବେଶୀ ଶିକ୍ଷା କ'ଣ ତାହା ଜାଣିବା/ଶିଖିବା  । ଏହାର ଅର୍ଥ ଓ ଧାରଣାକୁ ଜାଣିଲେ ଆମେ କାହିଁକି ଏହାକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ଏବଂ କେଉଁ କାରକ ଏହି ପ୍ରକ୍ରିୟାକୁ ପ୍ରଭାବିତ କରେ ତା'ବିଷୟରେ ସହଜରେ ବୁଝି ପାରିବ । ଆସ ଆମେ ଶିକ୍ଷକ ହିସାବରେ ଏହି ଶ୍ରେଣୀକକ୍ଷ(ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ) ଗଠନରେ ଆମର ଭୂମିକା ବିଷୟରେ ଅବଗତ ହେବା । ସର୍ବଶେଷରେ ଆମକୁ ଜାଣିବାକୁ ହେବଯେ କେଉଁ ପିଲାମାନେ ଶ୍ରେଣୀକକ୍ଷରେ ଅନ୍ୟପିଲାଙ୍କ ସହ ଖାପଖୁଆଇ ଚଳିବା ନିମନ୍ତେ ସଂଘର୍ଷ/ଚେଷ୍ଟା କରୁଛନ୍ତି ।

ଆମେ ଯେତେବେଳେ ଏହି ଏକକଟିକୁ ପଢ଼ିବା, ପ୍ରତ୍ୟେକ ପର୍ଯ୍ୟାୟ ଆମେ ବିଭିନ୍ନ ପିଲାମାନଙ୍କର ଆବଶ୍ୟକତା ପୂରଣଦିଗରେ ଆମର ଭୂମିକାକୁ ବିଶ୍ଳେଷଣ କରିବା । ମୁଁ ନିଶ୍ଚିତ ଯେ ସମୟକ୍ରମେ ଆମେ ଯେତେବେଳେ ଏହି ଏକକ ସହିତ ସଂପୂର୍ଣ୍ଣ ରୂପେ ପରିଚିତ ହେବା ସେତେବେଳେ, ଜାତୀୟ ଲକ୍ଷ୍ୟ ପୂରଣ ଦିଗରେ ଉଦ୍ଦେଶ୍ୟ (ଅନ୍ତର୍ନିବେଶୀ ଶିକ୍ଷା)ର ମହତ୍ ଲକ୍ଷ୍ୟକୁ ଅନୁଭବ କରିପାରିବା ।

## ୭.୧: ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟିକୁ ପଢ଼ି ସାରିଲା ପରେ ତୁମେ;

-ଅନ୍ତର୍ନିବେଶୀ ଶିକ୍ଷା କ'ଣ ତାହା ବର୍ଣ୍ଣନା କରି ପାରିବ;

-ସମନ୍ୱିତ ଶିକ୍ଷା ଓ ଅନ୍ତର୍ନିବେଶୀ ଶିକ୍ଷା ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;

-ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରଭାବିତ କରୁଥିବା କାରକ ଗୁଡ଼ିକୁ ତାଲିକା କରି ପାରିବ;

-ଅନ୍ତର୍ନିବେଶୀ ଶିକ୍ଷା ପାଇଁ ପିଲାଙ୍କୁ ଚିହ୍ନଟ କରିପାରିବ; ଓ

-ବିଦ୍ୟାଳୟ ଓ ଶ୍ରେଣୀ ଗୃହରେ ଅନ୍ତର୍ନିବେଶୀ ପରିସ୍ଥିତି ସୁନିଶ୍ଚିତ କରିବାରେ ଶିକ୍ଷକଂମାନଙ୍କର ଭୂମିକାକୁ ବର୍ଣ୍ଣନା କରି ପାରିବ ।

ଟିପ୍ପଣୀ

**୭.୧: ଅନ୍ତର୍ନିବେଶୀ ଶିକ୍ଷାର ଧାରଣା**

ଆମ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଏକ ଲିଖିତ ରାଜିନାମା ଅଟେ । ଏହି ସାମ୍ବିଧାନିକ ଅଧିକାର ସତ୍ତ୍ୱେ, ଆମ ସମାଜରେ ସାଧାରଣତଃ ଅନୌପଚାରିକ ଭାବେ ବିଭିନ୍ନ କ୍ଷେତ୍ରରେ ଭେଦଭାବ ଓ ବାଛବିଚାର ଦେଖିବାକୁ ମିଳିଥାଏ । ବ୍ୟକ୍ତିମାନଙ୍କୁ ସେମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ଶାରୀରିକ, ବୌଦ୍ଧିକ ଓ ବ୍ୟବହାରିକ ଗୁଣରେ ଥିବା ତାରତମ୍ୟତା ଦୃଷ୍ଟିରୁ ସେମାନଙ୍କ ଉପରେ ବିଭିନ୍ନ ପ୍ରକାରର କଟକଣା ଗୁଡିକୁ ଲଦିଦିଆଯାଏ । ଏହା କେବଳ ଯେ ଅଗଣତାନ୍ତ୍ରିକ ନୁହଁ ବରଂ ଅପ୍ରାକୃତିକ/ ପଶୁତୁଲ୍ୟ ଅଟେ । ବିଚ୍ଛିନ୍ନୀକରଣ ପ୍ରକୃତିର ନିୟମ ବିରୋଧି ଅଟେ । ସୂର୍ଯ୍ୟ ଯେପରି ତା'ର ଆଲୋକ ଓ ଉତ୍ତାପ ପ୍ରଦାନରେ ବାଛବିଚାର ବା କଟକଣା ରଖିନଥାଏ, ସେହିପରି ପବନ ମଧ୍ୟ ପୃଥିବୀର ସମସ୍ତ ଜୀବଜଗତ ପ୍ରତି କୌଣସି ଭେଦଭାବ ନରଖି ପ୍ରବାହିତ ହୋଇଥାଏ । ପ୍ରକୃତି କୌଣସି ଭେଦଭାବ/ ପକ୍ଷପାତିତା ନକରି ତା'ର ସମସ୍ତ ଜୀବଜଗତ ମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ଓ ଦକ୍ଷତାର ବିକାଶ ନିମନ୍ତେ ସମାନ ସୁବିଧା ସୁଯୋଗ ପ୍ରଦାନ କରିଥାଏ ।

କେତେକ ପିଲାମାନଙ୍କୁ କେତେକ ବିଦ୍ୟାଳୟ ଏହାମଧରେ ପ୍ରବେଶ ନିମନ୍ତେ ଅନୁମତି ଦେଇନଥାଏ, କାହିଁକି ? କେତେକ ପିଲାମାନେ ଶୈକ୍ଷିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଥା'ନ୍ତି, ସେମାନେ କିଏ ଓ କାହିଁକି ? ଶିକ୍ଷା ବ୍ୟବସ୍ଥାରେ ବିଭେଦୀକରଣ/ ପ୍ରଭେଦୀକରଣ ପ୍ରକ୍ରିୟା ଏବଂ ପାଠପଢ଼ିବା ବୟସର ପିଲାମାନଙ୍କର ଅକ୍ଷମତା/ଅପାରଗତା, ସମାନ ସୁବିଧା ସୁଯୋଗ ପାଇବା ଓ ସମାଜରେ ଅଂଶଗ୍ରହଣ କରିବାର ଅଧିକାରକୁ କ୍ଷୁର୍ଣ୍ଣ କରିଥାଏ । ଏହି ପ୍ରକାରର ପରିସ୍ଥିତିରେ ବ୍ୟକ୍ତି ଏବଂ ତାହାର ସାମର୍ଥ୍ୟ ସଂପୂର୍ଣ୍ଣ ଭାବେ ଅବହେଳିତ ହୋଇଥାଏ । ଏହାକୁ ହୃଦୟଙ୍ଗମ କରି, ଜାତୀୟ ଏବଂ ଆନ୍ତର୍ଜାତୀୟ ଚୁକ୍ତିମାନ କୌଣସି ଭେଦଭାବ ନରଖି ପିଲାମାନଙ୍କୁ ଏକପ୍ରକାର ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ଅନୁମତି ଦିଆଯିବାକୁ ଘୋଷଣା କରିଛି । ଏଣୁ ସମସ୍ତ ସାମ୍ପ୍ରତିକ ଶୈକ୍ଷିକ ଯୋଜନା ଓ ନୀତି ଗୁଡିକ ଏକ ପ୍ରକାରର ଶିକ୍ଷା ବ୍ୟବସ୍ଥାକୁ ସମର୍ଥନ କରୁଛି ଯେଉଁଠାରେ ସମସ୍ତ ପିଲାମାନଙ୍କୁ ସମାନ ଶୈକ୍ଷିକ ସୁବିଧା ସୁଯୋଗ ପ୍ରଦାନ କରାଯିବ । ବିଶ୍ୱବ୍ୟାପୀ ଗଣତାନ୍ତ୍ରକ ଶାସନ ବ୍ୟବସ୍ଥାରେ ସମସ୍ୱରରେ ଏହି ଶୈକ୍ଷିକ ଦର୍ଶନକୁ ସ୍ୱୀକୃତି ପ୍ରଦାନ କରିଛି । ଏହି ପ୍ରକାରର ନୀତି ଶିକ୍ଷାକ୍ଷେତ୍ରରେ "ଅନ୍ତର୍ନିବିଶୀ ଶିକ୍ଷା"(Inclusive Education)' ନାମରେ ଆରମ୍ଭ ହୋଇଛି । ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ବା ସମସ୍ତଙ୍କୁ ଆପଣେଇବା ଅନ୍ତର୍ନିବେଶୀ ଶିକ୍ଷାର ମୂଳନୀତି । ଅନ୍ତର୍ଭୁକ୍ତ (Inclusive) ହେଉଛି ଶିକ୍ଷାର୍ଥୀଙ୍କର ଅନ୍ତର୍ନିହିତ ସାମର୍ଥ୍ୟକୁ ଗଢ଼ିବା/ବୃଦ୍ଧି କରିବା ଏବଂ ସେମାନଙ୍କର ଆତ୍ମବିଶ୍ୱାସର ଅଭିବୃଦ୍ଧି କରିବା ।

"ବିଭେଦୀକରଣକୁ ମୂଳପୋଛ କରିବାଟା ସମସ୍ୟା ନୁହଁ ବରଂ ବିଭେଦୀକରଣକୁ କିପରି ଏକାକାର କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ ।"

-ବିଶ୍ୱକବି ରବୀନ୍ଦ୍ରନାଥଟାଗୋର

**୭.୨.୧ :ଆନ୍ତର୍ନିବେଶୀ ଶିକ୍ଷାର ଅର୍ଥ ଓ ପ୍ରକୃତି**

ପ୍ରତ୍ୟେକ ବ୍ୟକ୍ତିଙ୍କର ସମସ୍ୟାର ଭିନ୍ନତା ହେତୁ, ପେଶାଦାର ଭାବେ ଜଣେ ଡାକ୍ତର ଏକ ସମୟରେ ଜଣେ ରୋଗୀଙ୍କୁ ଚିକିତ୍ସା କରୁଥିବା ବେଳେ ଜଣେ ପେଶାଦାର ଓକିଲ ଏକ ସମୟରେ ଜଣେ ମହକିଲଙ୍କୁ ତାଙ୍କ ସମସ୍ୟାର ସମାଧାନ ନିମନ୍ତେ ସହାୟତା ପ୍ରଦାନ କରିଥାନ୍ତି । ମାତ୍ର ପେଶାଦାର ଭାବେ ଜଣେ ଶିକ୍ଷକ ଏକକାଳୀନ ବିଭିନ୍ନତା ଥିବା ଅନେକସଂଖ୍ୟକ କୋମଳମତି ପିଲାମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କର ସମସ୍ୟାକୁ ସମାଧାନ କରିଥାନ୍ତି । ପ୍ରତ୍ୟେକ ପିଲା/ଶିକ୍ଷାର୍ଥୀଙ୍କର ଦକ୍ଷତା, ସାମର୍ଥ୍ୟ, ଆଗ୍ରହ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସମୟରେ ସମସ୍ତପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ଧାରଣାକୁ 'ଅନ୍ତର୍ନିବେଶୀ ଶିକ୍ଷା' ନାମରେ ଅଭିହିତ କରାଯାଏ । ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ, ଏଭଳି ପ୍ରକ୍ରିୟା ବହୁଆଗରୁ ପ୍ରଚଳନ ହେଉଛି ମାତ୍ର ତାର କୌଣସି ଏକ ନିର୍ଦ୍ଦିଷ୍ଟ ନାମ ଦିଆଯାଇନାହିଁ । ତୁମେ ମଧ୍ୟ ଠିକ୍ ଯେ, ପ୍ରାଚୀନକାଳରୁ ବିଭିନ୍ନତା ସତ୍ତ୍ୱେ ପ୍ରତ୍ୟେକ ଶିକ୍ଷାର୍ଥୀ/ ପିଲାଙ୍କୁ ଏକ ସମୟରେ ଏକ ସ୍ଥାନରେ ଶିକ୍ଷାଦାନ ଦିଆଯାଉଥିଲା । ଆମେ ସେମାନଙ୍କୁ ସେମାନଙ୍କର ଦକ୍ଷତା ଅନୁସାରେ ସମାଜରେ ଜଣେ ସ୍ୱୟଂ ସଂପୂର୍ଣ୍ଣ ଓ ସମାଜକ୍ଷମ ବ୍ୟକ୍ତି ଭାବରେ ଗଢୁଥିଲେ । ବିଳମ୍ବରେ ହେଉ ପଛେ, ଆମେ ଶିକ୍ଷାକ୍ଷେତ୍ରରେ ବିଭିନ୍ନ ବିଭାଗର ଚାପ ଯୋଗୁଁ ଏହି ଗଣତାନ୍ତ୍ରିକ ପଦ୍ଧତିରୁ ଦୂରେଇ ଯାଇଛୁ । ଶିକ୍ଷାକ୍ଷେତ୍ରରେ ଦୂରଦୃଷ୍ଟି/ଦିବ୍ୟଦ୍ରଷ୍ଟାମାନଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିବା ଏହି ଅନ୍ତର୍ନିବେଶୀ ଶିକ୍ଷା କ'ଣ ବର୍ତ୍ତମାନ ତାହା ଆମେ ଜାଣିବା ।

ଅନ୍ତର୍ନିବେଶୀ ଶିକ୍ଷା ହେଉଛି ଏକ ପନ୍ଥା ଯାହା ସମସ୍ତ ପିଲାମାନଙ୍କୁ ଏପରିକି ଶିକ୍ଷା ବ୍ୟବସ୍ଥାରେ ଅବହେଳିତ ହେଉଥିବା ସମସ୍ତ ପିଲାମାନଙ୍କୁ ଶିକ୍ଷାଦେବା । ଏହା ଆଶା କରାଯାଉଛି, ଯେ ସମସ୍ତ ଶିକ୍ଷାର୍ଥୀ ଏକତ୍ରିତ ଭାବେ ଏକପ୍ରକାରର ଶିକ୍ଷା ବ୍ୟବସ୍ଥା ଦ୍ୱାରା ଶିକ୍ଷା ଗ୍ରହଣ କରିବାର ସୁଯୋଗ ହାସଲ କରବେ । ଏହି ବ୍ୟବସ୍ଥାରେ ଅଭିଭାବକ, ଗୋଷ୍ଠୀ, ଶିକ୍ଷକ, ପ୍ରଶାସକ ଏବଂ ନୀତି ପ୍ରଣୟନକାରୀ ବ୍ୟକ୍ତିମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଏହି ସମସ୍ତ ବ୍ୟକ୍ତିମାନେ ଭିନ୍ନଭିନ୍ନ ଆବଶ୍ୟକତା ଥିବା ପିଲାମାନଙ୍କର ପ୍ରତି ସାହାଯ୍ୟକାରୀ ଭାବେ ଦଣ୍ଡାୟମାନ ହେବା ଆବଶ୍ୟକ । ଏହାକୁ ଏକ ସମସ୍ୟାଭାବେ ଦୃଷ୍ଟିନଦେଇ ଅନୁଭୂତି ଭାବେ ଗ୍ରହଣ କରିବା ଉଚିତ୍ ।

**ପ୍ରଶ୍ନ: ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ଆମର ମୁଖ୍ୟ ଲକ୍ଷ୍ୟ କ'ଣ ହେବା ଉଚିତ୍ ?**

ଆସ ଏକ ପରିସ୍ଥିତିକୁ ଅନୁଧ୍ୟାନ କରିବା ।

ଲତା, ଚତୁର୍ଥ ଶ୍ରେଣୀର ପିଲାମାନଙ୍କୁ ଭାଷା ପାଠ୍ୟ ପୁସ୍ତକର 'ଆମ୍ବ' ପାଠଟିକୁ ଶ୍ରେଣୀରେ ଶିକ୍ଷାଦାନ ନିମନ୍ତେ ପ୍ରସ୍ତୁତ କରୁଥିଲେ । ସେ ଏହି ପାଠଟିକୁ ଯେଉଁ ଋତୁରେ ଆମ୍ବ ପ୍ରଚୁର ଭାବେ ମିଳେ ସେହି ସମୟରେ ଶିକ୍ଷାଦାନ ନିମନ୍ତେ ଯୋଜନା କରୁଥିଲେ ।ସେ ପ୍ରତ୍ୟେକ

ପିଲାଙ୍କଠାରୁ ଏକ ଟଙ୍କା ଲେଖାଏଁ ସଂଗ୍ରହ କରିଲେ ଏବଂ ପାଚିଲା ଆମ୍ବ ଗୁଡିକୁ ଶ୍ରେଣୀକୁ ଆଣିଲେ । ଛାତ୍ରଛାତ୍ରୀଙ୍କୁ ଛୋଟଛୋଟ ଦଳରେ ବିଭକ୍ତ କଲେ । ସମସ୍ତେ ବିଦ୍ୟାଳୟ ନିକଟରେ ଥିବା ଏକ ବଡ଼ ଆମ୍ବ ଗଛ ମୂଳେ ଦଳଗତ ଭାବେ ବସିଲେ । ପ୍ରତ୍ୟେକ ଦଳରେ ୨ଟି ଲେଖାଏଁ ଆମ୍ବ ରଖିଲେ । ଶିକ୍ଷକ ବହିରେ ଦିଆଯାଇଥିବା ଆମ୍ବର ରଙ୍ଗ, ସ୍ୱାଦ, ଗଠନ, ଆକୃତି ଇତ୍ୟାଦି ବିଷୟରେ କହିଲେ । ସମସ୍ତ ଶିକ୍ଷାର୍ଥୀମାନେ ପାଠରେ ଥିବା ନୂତନ ଶବ୍ଦ ଗୁଡ଼ିକୁ ଖାତାରେ ଲେଖିଲେ । ଶିକ୍ଷକ ଶବ୍ଦ ଗୁଡ଼ିକର ଅର୍ଥକୁ ସେମାନଙ୍କ ନିକଟରେ ଥିବା ଆମ୍ବ ସହିତ ଯୋଡୁଥିଲେ ।ଶିକ୍ଷାର୍ଥୀମାନେ ଆମ୍ବ ଗୁଡ଼ିକୁ ଛୁଇଁ ସେଗୁଡ଼ିକର ଆକାର ଓ ମୂଳଉପାଦାନ ଇତ୍ୟାଦିକୁ ପର୍ଯ୍ୟବେକ୍ଷଣ କରୁଥିଲେ । 'ଆମ୍ବର ଆକୃତି'କୁ ଛାତ୍ରମାନେ ଶିକ୍ଷିକାଙ୍କ ଶାଢୀରେ ଅଙ୍କାଯାଇଥିବାର ଚିହ୍ନଟ କଲେ । ସେ ଆମ୍ବର ବିଷୟବସ୍ତୁ ଏବଂ ଚିତ୍ର ଛପାଯାଇଥିବା କେତେକ ବାହାଘରର ନିମନ୍ତ୍ରଣ କାର୍ଡ଼ ଏବଂ ଗ୍ରୀଟିଙ୍ଗସ୍‌କୁ ଶିକ୍ଷାର୍ଥୀଙ୍କୁ ଦେଖାଇଲେ । ଆମ୍ବର ସ୍ୱାଦ ବ୍ୟତୀତ ଅନ୍ୟସମସ୍ତ ବୈଶୀଷ୍ଟ୍ୟ ବର୍ଣ୍ଣନା କଲେ । ପାଠଦାନ ଶେଷ କରବା ପୂର୍ବରୁ ଲତା ଛାତ୍ରଛାତ୍ରୀମାନଙ୍କୁ ପୂର୍ବରୁ ଗଚ୍ଛିତ କରି ରଖାଯାଇଥିବା ପାଣିରେ ହାତ ଧୋଇବା ନିମନ୍ତେ ନିର୍ଦ୍ଦେଶ ଦେଲେ । ପ୍ରତ୍ୟେକ ଦଳରେ ଜଣେ ଲେଖାଏଁ ପିଲା ପାଣି ଢାଳିରେ ଓ ଅନ୍ୟମାନେ ନିଜନିଜର ହାତ ଧୋଇଲେ । ସେ ପ୍ରତ୍ୟେକ ଦଳକୁ ଦିଆଯାଇଥିବା ଆମ୍ବ ଗୁଡ଼ିକୁ କାଟିଲେ ଏବଂ ଏ ସମସ୍ତ ପିଲାମାନଙ୍କ ମଧ୍ୟରେ ବାଣ୍ଟିଦେଲେ । ସମସ୍ତ ପିଲାମାନେ ହଳଦିଆ ସୁସ୍ୱାଦୁ ମିଠା ଆମ୍ବକୁ ଆନନ୍ଦରେ ଉପଭୋଗ କଲେ । ପାଠଦାନ ଆରମ୍ଭରୁ ଶେଷଯାଏ ଶିକ୍ଷୟତ୍ରୀ କ'ଣ କଲେ ?

-ସେ ପ୍ରତ୍ୟେକ ପିଲାକୁ ଦଳର ସଦସ୍ୟ ଭାବେ ଗ୍ରହଣ କଲେ ।

-ସମସ୍ତ ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଶ୍ରେଣୀକକ୍ଷର ଭୌତିକ ଓ ପାରିପାର୍ଶ୍ୱିକ ବ୍ୟବସ୍ଥା ପୁନଃସଂରଚନା କଲେ ।

-ସମସ୍ତ ଛାତ୍ରଛାତ୍ରୀଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବା ନିମନ୍ତେ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ତଦନୁରୂପ ଯୋଜନା କଲେ ।

-ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନତାକୁ ଦୃଷ୍ଟିରେ ରଖି ଶିକ୍ଷଣ କାର୍ଯ୍ୟକାରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଏହିପରି ଆହୁରି ଅନ୍ୟକେତେଗୁଡ଼ିଏ ବୈଶିଷ୍ଟ୍ୟକୁ ଉପରୋକ୍ତ ପରିସ୍ଥିତିରୁ ସ୍ଥିର କରାଯାଇ ପାରିବ । ତଳେ ଦିଆଯାଇଥିବା ଖାଲି ଜାଗାରେ ତାଲିକା କର ।

---------------------------------------------------------------------------------------------------

---------------------------------------------------------------------------------------------------

---------------------------------------------------------------------------------------------------

ଏଣୁ ଅନ୍ତର୍ଭୁକ୍ତିର ସଫଳତା ସମସ୍ତ ଶିକ୍ଷାର୍ଥୀଙ୍କର ଫଳପ୍ରଦ ଶିକ୍ଷଣ ଉପରେ ନର୍ଭର କରେ । ଏହା ସମାନ ସୁବିଧା ପ୍ରଦାନର ସାମାଜିକ ନମୁନା ଉପରେ ଆଧାରିତ । ଏହି ପ୍ରକ୍ରିୟା ବିବିଧତାକୁ ଗ୍ରହଣ ଓ ବିଭିନ୍ନତାକୁ ସମ୍ମାନ ପ୍ରଦର୍ଶନ ଉପରେ ଆଧାରିତ ଯାହା ପ୍ରକୃତତି ଓ ମାନବିକତାର ଏକ ଅଂଶ ।

ଅନ୍ୟ ଅର୍ଥରେ କହିଲେ, ଅନ୍ତର୍ନିବେଶୀ ଶିକ୍ଷା ହେଉଛି, "ପିଲାମାନଙ୍କଠାରେ ଭିନ୍ନତା ଓ ବିବିଧତା ଥିବା ସତ୍ତ୍ୱେ ସେମାନେ ଗୋଟିଏ ଶ୍ରେଣୀ କୋଠରୀରେ ସମବୟସ୍କ ପିଲାମାନଙ୍କର ସହ ମିଶି ଶିଖିବାର ସୁଯୋଗ ପାଇବା ସହ ସେମାନଙ୍କର ସାମର୍ଥ୍ୟର ସର୍ବାଙ୍ଗୀନ ବିକାଶ ହୋଇପାରିବ ।"

## ୭.୨.୨: ଅନ୍ତର୍ନିବେଶୀ ଶିକ୍ଷାର ଆବଶ୍ୟକତା ଏବଂ ଗୁରୁତ୍ୱ

ଶିକ୍ଷା ପ୍ରତ୍ୟେକଶିଶୁର ମୌଳିକ ଅଧିକାର । ମାନବ ଜାତିର ପ୍ରଗତିନିମନ୍ତେ ସମାଜକୁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କର ଆବଶ୍ୟକତା ରହିଛି । ଅନ୍ତର୍ନିବିଶୀ ଶିକ୍ଷା ଏହି ଲକ୍ଷ୍ୟ ପୂରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଭିନ୍ନ ଦୃଷ୍ଟିକୋଣରୁ ଅନ୍ତର୍ନିବେଶୀ ଶିକ୍ଷାର ଆବଶ୍ୟକତାକୁ ହୃଦୟଙ୍ଗମ କରିବା ।

ମାନବିକ ଅଧିକାର (Human Rights) ଗୁଣ ଗୁଡିକ ହେଉଛି ।

-ସମସ୍ତ ଶିକ୍ଷାର୍ଥୀଙ୍କୁ ଏକତ୍ର ଭାବେ ଶିକ୍ଷା ଗ୍ରହଣ କରିବାର ଅଧିକାର ଦେବା ।

-କୌଣସି ପିଲାମାନଙ୍କୁ ସେମାନଙ୍କର ଶିକ୍ଷଣ ଦକ୍ଷତା, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ପାରିବାରିକ ପୃଷ୍ଠଭୂମିରୁ ବିଭେଦୀ କରଣ/ ବାଛବିଚାର କରାଯିବ ନାହିଁ ।

**ଶିକ୍ଷା (Education)**

ଗବେଷଣା ପ୍ରମାଣିତ କରିଛି ଯେ ଅନ୍ତର୍ନିବେଶୀ ଶିକ୍ଷଣ ପରିସ୍ଥିତିରେ ପିଲାମାନେ ଶୈକ୍ଷିକ ଏବଂ ସାମାଜିକ

ଟିପ୍ପଣୀ

କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥାନ୍ତି ।

-ଦିଆଯାଇଥିବା ପ୍ରତିଶୃତି ଓ ସହାୟତା ଅନ୍ତର୍ନିବେଶୀ ଶିକ୍ଷାରେ ଶୈକ୍ଷିକ ସମ୍ବଳକୁ ଅଧିକ ଫଳପ୍ରଦ ଭାବେ ବ୍ୟବହାର କରାଯାଇପାରେ ।

**ସାମାଜିକ (Social)**

-ସମସ୍ତ ଶିକ୍ଷାର୍ଥୀଙ୍କୁ ନିଜ ଚତୁଃପାଶ୍ୱରେ ଥିବା ବିଭିନ୍ନ ଲୋକମାନଙ୍କ ସହିତ ସୁ-ସୁମ୍ପର୍କ ସ୍ଥାପନ କରିବା ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇବା ନିମନ୍ତେ ପ୍ରସ୍ତୁତ କରିଥାଏ ।

-ଅନ୍ତର୍ଭୁକ୍ତି ଭୟକୁ ହ୍ରାସ କରିବା ଏବଂ ବନ୍ଧୁତ୍ୱକୁ ଗଢିବାରେ ସାହାଯ୍ୟ କରିଥାଏ ।

-ବନ୍ଧୁ/ସହଯୋଗୀ ବ୍ୟକ୍ତିମାନଙ୍କ ସହ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ସହୃଦୟତା ବୃଦ୍ଧି କରିଥାଏ ।

**ମାନସ୍ତତ୍ତ୍ୱିକ (Psychological)**

- ଦଳମଧ୍ୟରେ ନିରାପତ୍ତା ଓ ସୁରକ୍ଷିତ ମନୋଭାବର ବିକାଶ ।

-ବିବିଧତା/ବିଭିନ୍ନତା ମଧ୍ୟରେ ବ୍ୟକ୍ତିଗତ ଦକ୍ଷତାର ବିକାଶ

ଅନ୍ତର୍ନିବେଶୀ ଶିକ୍ଷା ବିଭିନ୍ନ ଦିଗରେ ପିଲାମାନଙ୍କର ବିକାଶରେ ସହାୟତାପ୍ରଦାନ କରିଥାଏ । ନିର୍ଦ୍ଦିଷ୍ଟ ବାଧକତା ଥିବା ପିଲାମାନେ ଶାରୀରିକ, ଜ୍ଞାନାତ୍ମକ, ସାମାଜିକ ଓ କ୍ରିୟାତ୍ମକ କୌଶଳ/ ଦକ୍ଷତାର ବିକାଶ ନିମନ୍ତେ ସୁଯୋଗ ଲାଭ କରିଥାନ୍ତି । ସାଧାରଣ ପରିବେଶରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଆବଶ୍ୟକତା ପରିପୂରଣ ନିମନ୍ତେ ଉନ୍ନତ ଦକ୍ଷତା ପ୍ରଦର୍ଶନ କରିଥା'ନ୍ତି । ବିଦ୍ୟାଳୟରେ ସାଧାରଣ ପିଲାମାନେ ଦିବ୍ୟାଙ୍ଗ ଓ ଅବହେଳିତ ବର୍ଗର ପିଲାମାନଙ୍କ ପ୍ରତି ସହୃଦୟତା ପ୍ରକାଶ କରିଥା'ନ୍ତି । ଯେତେବେଳେ ଆମେ ଏହି ବର୍ଗର ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାରୁ ବାହାର କରିଦେଉ, ସେତେବେଳେ ସମାଜରେ ଏକ ପ୍ରକାରର ପ୍ରାଚୀର ନିର୍ମାଣ ହୋଇଯାଏ ଅର୍ଥାତ୍ ସମାଜରୁ ସେମାନେ ଏକ ପ୍ରକାରର ବାଛନ୍ଦ ହୋଇଯା'ନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପିଲାମାନଙ୍କୁ ଗୋଷ୍ଠୀରେ ଯେକୌଣସି କାର୍ଯ୍ୟରେ ଅନ୍ତର୍ଭୁକ୍ତ ନିମନ୍ତେ ଅସୁବିଧା/ସମସ୍ୟା ସୃଷ୍ଟିହୁଏ । ଏଣୁ ଅନ୍ତର୍ନିବେଶୀଶିକ୍ଷା ସମାଜରେ ଅନ୍ତର୍ଭୁକ୍ତିକୁ ଆପଣେଇବା ଓ ବିଭିନ୍ନତାକୁ ସମ୍ମାନ ଏବଂ ପ୍ରତିଷ୍ଠା ଦେବାକୁ ଗୁରୁତ୍ୱ ଆରୋପ କରେ । (MHRD, 2005)

**ଅନ୍ତର୍ନିବେଶୀ ଶିକ୍ଷାର ଉପକାରିତା**

-ଅନ୍ତର୍ନିବେଶୀଶିକ୍ଷା ଦାରିଦ୍ର୍ୟତା ଏବଂ ବହିଷ୍କାରକୁ ଭାଙ୍ଗିବାରେ ସାହାଯ୍ୟ କରେ ।

-ଏହା ପିଲାମାନଙ୍କୁ ସେମାନଙ୍କର ପରିବାର ଓ ଗୋଷ୍ଠୀ ମଧ୍ୟରେ ସୁସ୍ଥଭାବେ ଜୀବନଯାପନ କରିବା ନିମନ୍ତେ ଉତ୍ସାହିତ କରିଥାଏ ।

-ବିଦ୍ୟାଳୟ ପରିବେଶ ଛାତ୍ର ଛାତ୍ରୀଙ୍କ ନିମନ୍ତେ ଉପଯୋଗୀ ବା ଶିଶୁପ୍ରିୟ ହେବା ଆବଶ୍ୟକ ।

-ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାର ପ୍ରୟୋଗ ସମାଜର ପ୍ରତିକ୍ଷେତ୍ରରେ ଥିବା ଭେଦଭାବ/ ବାଛବିଚାରକୁ ଦୂର କରବା ନିମନ୍ତେ ସାହାଯ୍ୟ କରିଥାଏ ।

-ଅନ୍ତର୍ନିବେଶୀ ଶିକ୍ଷାର ବ୍ୟାପକ ପ୍ରୟୋଗ ଦେଶ/ଜାତିର ଉନ୍ନତି/ପ୍ରଗତିକୁ ଉତ୍ସାହିତ କରିଥାଏ ।

-ଅନ୍ତର୍ନିବେଶୀ ଶିକ୍ଷା ସମ୍ବନ୍ଧରେ ତୁମର ଧାରଣାକୁ ନିମ୍ନରେ ତାଳିକା କର ।

-----------------------------------------------------------------------------------------

-----------------------------------------------------------------------------------------

-----------------------------------------------------------------------------------------

### ୭.୨.୩:ଅନ୍ତର୍ନିବେଶୀ ଶିକ୍ଷା ଅନ୍ୟ ସଂପର୍କିତ ଧାରଣା ଠାରୁ ପୃଥକ

**ଧାରଣା (Concepts)**: ବହୁବର୍ଷ ପୂର୍ବେ ବ୍ୟବହୃତ ହେଉଥିବା 'ସମନ୍ୱିତ ଶିକ୍ଷା' ବଦଳରେ ବର୍ତ୍ତମାନ 'ଅନ୍ତର୍ନିବେଶୀ' ଶବ୍ଦକୁ ବହୁତ ଲୋକ ଶିକ୍ଷା କ୍ଷେତ୍ରରେ ସମାନ ଅର୍ଥରେ ବିବେଚନା କରିଥା'ନ୍ତି । ସେମାନଙ୍କର ଧାରଣା ଯେ ଏହା କେବଳ ଶବ୍ଦ ପରିଭାଷାରେ ପରିବର୍ତ୍ତନ ଅଟେ । ମାତ୍ର ଅନ୍ତର୍ନିବେଶୀ ଶିକ୍ଷା ଶବ୍ଦର ଅର୍ଥ ସମନ୍ୱିତ ଶିକ୍ଷା ଠାରୁ ବହୁ ଊର୍ଦ୍ଧ୍ୱରେ ଓ ଏହାର ପରିସର ବ୍ୟାପକ ଓ ଭିନ୍ନଅଟେ । ବହୁବର୍ଷ ପୂର୍ବେ ବ୍ୟବହୃତ ସମନ୍ୱିତ ଏବଂ ମୁଖ୍ୟସ୍ରୋତରେ ସାମିଲ ବ୍ୟବସ୍ଥା ଶିକ୍ଷାକ୍ଷେତ୍ରରେ ବଞ୍ଚିତ ହେଉଥିବା ପିଲାମାନଙ୍କୁ (ଦିବ୍ୟାଙ୍ଗ ଓ ଅବହେଳିତ ବର୍ଗ) ଶିକ୍ଷାପାଇବା ସୁଯୋଗ ଦେଇଆସୁଛି । ଅନ୍ତର୍ନିବେଶୀ ଶିକ୍ଷାର ପରିଭାଷା ସୁଦୂର ପ୍ରସାରୀ ଏବଂ ଏହା ଛାତ୍ରଛାତ୍ରୀ/ପିଲାମାନଙ୍କୁ ଶିକ୍ଷାକ୍ଷେତ୍ରରୁ ବଞ୍ଚିତ କରିବାକୁ ପ୍ରତିହତ କରିଥାଏ । ଆସ ଏହି ଶବ୍ଦ ଗୁଡିକୁ ପ୍ରାଞ୍ଜଳ ଭାବେ ବୁଝିବା ।

**ମୁଖ୍ୟସ୍ରୋତରେ ସାମିଲ(Mainstreaming):** ପ୍ରଥମେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ନିୟମିତ ଶିକ୍ଷାବ୍ୟବସ୍ଥାରେ ଶିକ୍ଷା ଗ୍ରହଣ ନିମନ୍ତେ ପଦକ୍ଷେପ ନିଆଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକରେ ଦିବ୍ୟାଙ୍ଗଶିଶୁମାନଙ୍କୁ ଉପାର୍ଜନକ୍ଷମ କରିବା ନିମନ୍ତେ ବ୍ୟବସ୍ଥା କରାଗଲା । ଯେଉଁ ପିଲାମାନେ ନିଜେ ସକ୍ଷମ ହେଲେ ସେମାନେ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥାକୁ ସ୍ଥାନାନ୍ତରଣ ହେଲେ । ଏଥିରେ ପ୍ରସ୍ତୁତିର ଅର୍ଥ ପିଲାଟି ବିଦ୍ୟାଳୟର ଶୈକ୍ଷିକ ଓ ସାମାଜିକ ଚାହିଦାକୁ ପୂରଣ ନିମନ୍ତେ ନିଜକୁ ଦକ୍ଷ କରିପାରିବ । ବିଦ୍ୟାଳୟ ସହିତ ନିଜକୁ ଚଳିବା ନିମନ୍ତେ ସମର୍ଥ ହେବ ।

-ଏହିପ୍ରକ୍ରିୟାକୁ ମୁଖସ୍ରୋତରେ ସାମିଲ କରିବା କୁହାଯାଉଥିଲା ।

**ସମନ୍ୱିତ ଶିକ୍ଷା ବ୍ୟବସ୍ଥା (Integration):**

ସମନ୍ୱିତ ଶିକ୍ଷା ବ୍ୟବସ୍ଥା ହେଉଛି ଏକ ସାଧାରଣ ଶିକ୍ଷା/ ବିଦ୍ୟାଳୟରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଅନ୍ୟ ଅଣବାଧିତ ସାଧାରଣ ପିଲାମାନଙ୍କ ସହିତ ଶିକ୍ଷା ଲାଭ କରିଥାଏ । ଏହି ଶିକ୍ଷାବ୍ୟବସ୍ଥାରେ ଶିକ୍ଷାରେ ଅଂଶ ଗ୍ରହଣ କରିବା ଦାୟିତ୍ୱ କେବଳ ଶିକ୍ଷାର୍ଥୀ ଉପରେ ନିର୍ଭର କରିଥାଏ । ବିଦ୍ୟାଳୟ ଓ ଶ୍ରେଣୀ ଗୃହରେ ଭିନ୍ନକ୍ଷମ/ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଶିକ୍ଷଣ ସାମଗ୍ରୀ ଏବଂ ଶିକ୍ଷାଦାନ- ଶିକ୍ଷଣ ପଦ୍ଧତି ଉପଯୁକ୍ତ ହୋଇନଥାଏ । ସେମାନଙ୍କର ବ୍ୟବସ୍ଥାନ ଏକପ୍ରକାର ଶ୍ରେଣୀ କକ୍ଷରେ ଅଳ୍ପ ସମୟ ପାଇଁ ହୋଇଛି ।

**ଅନ୍ତର୍ନିବେଶୀ (Inclusion):**

ନିଃସନ୍ଦେହ, ଉପରୋକ୍ତ ସମସ୍ତ ଚିନ୍ତନ ଏବଂ ପ୍ରୟାସ ଗୁଡିକ ଆମ୍ଭମାନଙ୍କ ପାଇଁ ଏକ ବିସ୍ତୀର୍ଣ୍ଣ/ବ୍ୟାପକ, ଗଣତାନ୍ତ୍ରିକ ଦୃଷ୍ଟିଭଙ୍ଗୀର ପ୍ରୟୋଗ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲା । ତାହା ହେଉଛି 'ଅନ୍ତର୍ନିବେଶୀ' ଏହି ବ୍ୟବସ୍ଥା ବିଦ୍ୟାଳୟକୁ ଏକ ନୂତନ ଗୋଷ୍ଠୀ ଭାବେ ପୁନଃ-ସଂଗଠିତ କରିବ ଯେଉଁ ଠାରେ ସମସ୍ତ ପ୍ରକାରର ଶିକ୍ଷାର୍ଥୀ ଏକ ସାଧାରଣ ପରିବେଶରେ ବିନା ସଂକୋଚରେ ଓ ଭେଦଭାବ ରହିତ ପରିବେଶରେ ଶିକ୍ଷାଲାଭ କରିବାର ସୁଯୋଗ ପାଇବେ । ଅନ୍ତର୍ନିବେଶୀ ଶିକ୍ଷାର ନୀତି/ଦର୍ଶନ ହେଉଛି ଶ୍ରେଣୀଗୃହରେ ସମସ୍ତ ଶିକ୍ଷାର୍ଥୀଙ୍କ ନିମନ୍ତେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି କରିବାପାଇଁ ଉତ୍ତମଶିକ୍ଷାଦାନ କୌଶଳର ପ୍ରୟୋଗ, ଶିକ୍ଷକ-ଛାତ୍ରଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟିକରିବା । ନିୟମିତ ଶ୍ରେଣୀକକ୍ଷ/ଶ୍ରେଣୀଗୃହର ବାତାବରଣ ପ୍ରତ୍ୟେକ ବ୍ୟକ୍ତିଙ୍କର ଆବଶ୍ୟକତାକୁ ପୂରଣ ନିମନ୍ତେ ବ୍ୟବସ୍ଥିତ ହୋଇଥାଏ । ଏକ ପ୍ରକାରର ଶ୍ରେଣୀରେ ସାମୟିକ ଭାବେ ସମସ୍ତ ପ୍ରକାରର ଶିକ୍ଷାର୍ଥୀଙ୍କର ସମନ୍ୱିତ ଓ ଗୁଣାତ୍ମକ ବିକାଶ ନିମନ୍ତେ ପାଠ୍ୟକ୍ରମ ସମେଯାଜନ, ଅତିରିକ୍ତ ସମୟ ପ୍ରଦାନ, ନିର୍ଦ୍ଦିଷ୍ଟ ପ୍ରକାରର ଶିକ୍ଷାଦାନ ପଦ୍ଧତିର ପ୍ରୟୋଗ ଏବଂ ଅତ୍ୟାବଶ୍ୟକୀୟ ସହାୟକ ପ୍ରଦାନ କରିବା ଆବଶ୍ୟକ ।

ଅନ୍ତର୍ନିବେଶୀ ଶିକ୍ଷା ଓ ସମନ୍ୱିତ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ-ଉଭୟ ଶିକ୍ଷା ବ୍ୟବସ୍ଥାର ଏକ ସାଧାରଣ ଲକ୍ଷ୍ୟ ହେଉଛି, ଉଭୟ ଭିନ୍ନକ୍ଷମ/ଦିବ୍ୟାଙ୍ଗ ପିଲାମାନଙ୍କୁ ଏକ ପ୍ରକାରର ସାଧାରଣ ବିଦ୍ୟାଳୟରେ ବ୍ୟବସ୍ଥାନ କରିବା ।

ଏହି ସାଧାରଣ ଲକ୍ଷ୍ୟ ବ୍ୟତୀତ, ଉଭୟେ ବିଭିନ୍ନ ଦିଗରେ ଭିନ୍ନ ଅଟନ୍ତି ।

ଟିପ୍ପଣୀ

ସମନ୍ୱିତ ଶିକ୍ଷା ବ୍ୟବସ୍ଥା ହେଉଛି ଏହି ପ୍ରକ୍ରିୟା ଯାହା ପିଲାମାନଙ୍କୁ ଏବଂ ଦିବ୍ୟାଙ୍ଗମାନଙ୍କୁ ଏକ ସାଧାରଣ ସ୍ରୋତରେ ଏକ ପ୍ରକାର ବିଦ୍ୟାଳୟରେ ଅବସ୍ଥାନ କରିବାର ପ୍ରୟାସ ବା ଅଭିପ୍ରାୟ । ସମନ୍ୱିତ ବ୍ୟବସ୍ଥା ପିଲାଟିକୁ ବ୍ୟବସ୍ଥା ସହିତ ଉପଯୁକ୍ତ ଭାବେ ଖାପଖୁଆଇବା ଉପରେ ଗୁରୁତ୍ୱ ଦିଏ । ସମନ୍ୱିତ ଶିକ୍ଷା ବ୍ୟବସ୍ଥାରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ପ୍ରଚଳିତ ବ୍ୟବସ୍ଥା ସହିତ ଉପଯୁକ୍ତ ହେବା ନିମନ୍ତେ ପ୍ରୋତ୍ସାହିତ କରିଥାଏ । ଶିକ୍ଷାର୍ଥୀକୁ ଶ୍ରେଣୀକକ୍ଷର ଆବଶ୍ୟକତା ସହିତ ବ୍ୟବସ୍ଥିତ ନିମନ୍ତେ ପ୍ରସ୍ତୁତ କରିଥାଏ । ଅର୍ଥାତ୍ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପୂର୍ବରୁ ଶିଶୁ ଅନ୍ୟ ସାଧାରଣ ପିଲାଙ୍କ ଭଳି ଆବଶ୍ୟକ ପ୍ରସ୍ତୁତି ଦରକାର । ଉଦାହରଣ ସ୍ୱରୂପ - ଶ୍ରବଣବାଧିତ ଶିକ୍ଷାର୍ଥୀଙ୍କ ନିମନ୍ତେ ଶ୍ରବଣ ଶକ୍ତି ବର୍ଦ୍ଧକ ଯନ୍ତ୍ର ଉପଲବ୍ଧ କରାଇବା । ଦୃଷ୍ଟି ବାଧିତ ପିଲାମାନଙ୍କୁ ସମ୍ୱଳ କକ୍ଷ କିମ୍ବା ସ୍ୱତନ୍ତ୍ର କେନ୍ଦ୍ରକୁ ବ୍ରେଲି (Braille) ଶିଖିବା ପାଇଁ ପଠାଇବା । ଚଳନବାଧିତ ପିଲାକୁ ଚଳନକ୍ଷମ ଉପକରଣ ଯୋଗାଇଦେବା ଆବଶ୍ୟକତା ରହିଛି । ବିଦ୍ୟାଳୟ ଓ ଶ୍ରେଣୀଗୃହ ଭୌତିକ ଭିତ୍ତିଭୂମି/ ପରିବେଶରେ ରୂପାନ୍ତରଣ କରିବା, ଯାହା ଫଳରେ ଦିବ୍ୟାଙ୍ଗ ପିଲାମାନେ ସହଜରେ ବିଦ୍ୟାଳୟରେ ମୁକ୍ତ ଭାବେ ପ୍ରବେଶ ଓ ଚଳପ୍ରଚଳ କରିପାରିବେ । ଲୋକମାନଙ୍କର ମନୋବୃତ୍ତିରେ ପରିବର୍ତ୍ତନ ଏହି ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ନିଃସନ୍ଦେହରେ ସମନ୍ୱିତ ବ୍ୟବସ୍ଥା ଆମକୁ ଅନ୍ତର୍ନିବେଶୀ ବ୍ୟବସ୍ଥାର ପ୍ରୟୋଗନିମନ୍ତେ ପ୍ରସ୍ତୁତ କରିଥିଲା । ଅନ୍ତର୍ନିବେଶୀ ଶିକ୍ଷା ପଦ୍ଧତି ହେଉଛି ଏପରି ଏକ ଶିକ୍ଷା ବ୍ୟବସ୍ଥା ଯେଉଁଥିରେ ସମସ୍ତ ପିଲାମାନଙ୍କୁ ସମସ୍ତପ୍ରକାରର ପ୍ରସଙ୍ଗ/ କ୍ଷେତ୍ରରେ ପ୍ରୟୋଗ ବା ନିଯୁକ୍ତି ନିମନ୍ତେ କାର୍ଯ୍ୟ କରିବାକୁ ସୁଯୋଗ ପ୍ରଦାନ କରିଥାଏ । ଅନ୍ତର୍ନିବେଶୀ ପିଲାକୁ ପରିବର୍ତ୍ତନ ଅପେକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଅନ୍ତର୍ନିବେଶୀ ଶିକ୍ଷାରେ ସମସ୍ତ ପ୍ରକାରର ଶିକ୍ଷାର୍ଥୀ ଯଥା-ଦିବ୍ୟାଙ୍ଗ ଓ ଅନ୍ୟ ଅବହେଳିତ ବର୍ଗର ପିଲାମାନେ ଯେଉଁମାନେ ଶିକ୍ଷା ପାଇବାରୁ ବଞ୍ଚିତ ସେମାନଙ୍କୁ ସାଧାରଣ ବିଦ୍ୟାଳୟରେ/ଶିକ୍ଷାବ୍ୟବସ୍ଥାରେ ପୂର୍ଣ୍ଣ ସମୟ ପାଇଁ ସଭ୍ୟ/ସଦସ୍ୟ ଭାବେ ଗ୍ରହଣ କରିଥାଏ ।

ଏହି ଶିକ୍ଷା ବ୍ୟବସ୍ଥାରେ ପ୍ରତ୍ୟେକ ପିଲାକୁ ପ୍ରଚଳିତ ଶ୍ରେଣୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନିମନ୍ତେ ସହାୟତା ଯୋଗାଇଥାଏ । ପିଲାମାନଙ୍କ ର ଅଭାବ ଓ ଆବଶ୍ୟକତାକୁ ପରିପୂରଣ ନିମନ୍ତେ ପାଠ୍ୟକ୍ରମ ସମଯୋଜନ, ଶିକ୍ଷଣ ସାମଗ୍ରୀ ଓ ଶିକ୍ଷାଦାନ ସମ୍ବନ୍ଧୀୟ ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ଏହି ଶିକ୍ଷା ବ୍ୟବସ୍ଥାକୁ ଉପଯୋଗୀ କରିବା ଆବଶ୍ୟକ । ଏଥିନିମନ୍ତେ ଅତିରିକ୍ତ ଷ୍ଟାଫ୍/କର୍ମଚାରୀ କାର୍ଯ୍ୟ କରୁଥିବା, କର୍ମଚାରୀଙ୍କ ନିମନ୍ତେ ପ୍ରଶିକ୍ଷଣ ଓ ପରାମର୍ଶର ବ୍ୟବସ୍ଥା କରାଯାଇପାରେ । ସମସ୍ତ ପ୍ରକାରର ପିଲାମାନଙ୍କ ନିମନ୍ତେ ଉପଯୁକ୍ତ ହେବାଭଳି ପାଠ୍ୟକ୍ରମ ଓ ପାଠ୍ୟକ୍ରମ କାର୍ଯ୍ୟାବଳୀରେ ପରିବର୍ତ୍ତନ/ରୁପାନ୍ତରିତ କରାଯିବା ଆବଶ୍ୟକ ନିମ୍ନୋକ୍ତ ସାରଣୀରେ ଏହି ଦୁଇ ପ୍ରକାର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ ଦର୍ଶାଗଲା ।

ସାରଣୀ-ସମନ୍ୱିତ ଏବଂ ଅନ୍ତର୍ନିବେଶୀ ଶିକ୍ଷା ମଧ୍ୟରେ ପାର୍ଥକ୍ୟ

| ସମନ୍ୱିତ ଶିକ୍ଷା | ଅନ୍ତର୍ନିବେଶୀ ଶିକ୍ଷା |
|---|---|
| ୧-ସାଧାରଣ ବିଦ୍ୟାଳୟରେ ଭିନ୍ନକ୍ଷମ/ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ପ୍ରବେଶ ବ୍ୟବସ୍ଥା । | ୧. ଦିବ୍ୟାଙ୍ଗ ପିଲାଙ୍କ ସହିତ ଅନ୍ୟବର୍ଗର ଅବହେଳିତ ତଥା ଶିକ୍ଷାରୁ ବଞ୍ଚିତ ପିଲାମାନେ ନିଜର ନିକଟବର୍ତ୍ତୀ (Neighbourhood ) ବିଦ୍ୟାଳୟରେ ପଢିବାକୁ ସୁଯୋଗ ପାଇଥାଏ । |
| ୨-ଦିବ୍ୟାଙ୍ଗମାନଙ୍କୁ ପୃଥକ୍ କରାଯାଏନାହିଁ । | ୨-ଦିବ୍ୟାଙ୍ଗ ଓ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ଭାଷାଗତ ଭିନ୍ନତା ଥିବା ପିଲାମାନଙ୍କ ମଧ୍ୟରେ ବିଭେଦ କରାଯାଏ ନାହିଁ । |



ଟିପ୍ପଣୀ

| | |
|---|---|
| ୩-ପ୍ରଚଳିତ ଶିକ୍ଷାବ୍ୟବସ୍ଥା ସହିତ ଶିକ୍ଷାର୍ଥୀ ଉପଯୋଗୀ ହେବେ ବୋଲି ଆଶା କରାଯାଏ । | ୩-ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା ବ୍ୟବସ୍ଥାରେ ଉପଯୁକ୍ତ ପରିବର୍ତ୍ତନ ଅଣାଯିବା ଉଚିତ୍ । |
| ୪-ଅଧିକ ସହାୟତା ନିମନ୍ତେ ସମ୍ବଳଶିକ୍ଷକ ଓ ସମ୍ବଳ କକ୍ଷର ସହାୟତା ଯୋଗାଇ ଦିଆଯାଏ । | ୪-ନିୟମିତ ଶ୍ରେଣୀ କକ୍ଷରେ ସମସ୍ତ ପ୍ରକାରର ସହାୟତା ଉପଲବ୍ଧତାକୁ ସୁନିଶ୍ଚିତ କରାଇବା । |
| ୫- ଛାତ୍ରଛାତ୍ରୀମାନଙ୍କର ଅଭାବକୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଏ । | ୫-ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ସହ-ପାଠ୍ୟକ୍ରମ କାର୍ଯ୍ୟାବଳୀରେ ପରିବର୍ତ୍ତନ ଅଣାଯାଇଥାଏ । |

ଭାରତୀୟ ସମାଜ 'ବିଭିନ୍ନତା ମଧ୍ୟରେ ଏକତା' କୁ ବିଶ୍ୱାସ କରେ । ଏକ ଦେଶର ଶିକ୍ଷାବ୍ୟବସ୍ଥା, ସାମାଜିକ ବ୍ୟବସ୍ଥା ସହ ସମତାଳରେ  କାର୍ଯ୍ୟ କରିଥାଏ । ବିଳମ୍ବରେ ପ୍ରଗତି ଓ ବିକାଶ ପ୍ରକ୍ରିୟାରେ ଏକତାଠାରୁ ବିଭିନ୍ନତା ବହୁଳ ଭାବରେ ପରିଲକ୍ଷିତ ହେଉଛି । 'ସମସ୍ତଙ୍କ  ପାଇଁ ଶିକ୍ଷା ସୁବିଧା ' କ୍ଷେତ୍ରରେ ଜାତିଗତ ଶ୍ରେଣୀ ବିଭାଗ, ଅର୍ଥନୈତିକ ଅବସ୍ଥା, ଲିଙ୍ଗଗତ ସଂପର୍କ, ଅନାବଶ୍ୟକ ସହରର ଅଭିବୃଦ୍ଧି ଇତ୍ୟାଦି ଏକ କୃତ୍ରିମ ପ୍ରତିବନ୍ଧକ ସୃଷ୍ଟି କରିଛି । ବର୍ତ୍ତମାନ ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନ ଗୁଡ଼ିକ ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାର ଛତ୍ର ଛାୟାତଳେ ସମସ୍ତ ବର୍ଗର ଶିକ୍ଷାର୍ଥୀ ଏବଂ ଅବହେଳିତ ବର୍ଗର ପିଲାମାନଙ୍କ ଶିକ୍ଷାଦାନ ପ୍ରତିଶୃତି ବଦ୍ଧ ହୋଇଛନ୍ତି । ବିଭେଦତା / ବିଭିନ୍ନତାର ବୃଦ୍ଧି ସତ୍ତ୍ୱେ ଆମେ ଆମର ଐକ୍ୟତାକୁ ବର୍ତ୍ତମାନଠାରୁ ଏହି ଶ୍ରେଣୀକକ୍ଷରୁ ପ୍ରମାଣିତ କରିବାକୁ ପଡିବ ।

**ନିଜ ଅଗ୍ରଗତି ଆକଳନ -୧**

୧. ଅନ୍ତର୍ନିବେଶୀ ଶିକ୍ଷା କଣ ?

୨. ଅନ୍ତର୍ନିବେଶୀ ଶିକ୍ଷାରେ ଶିକ୍ଷକ କେଉଁକେଉଁ ଦିଗପ୍ରତି ଗୁରୁତ୍ୱ ଦେବା ଉଚିତ୍ ଲେଖ ? (ଯେକୌଣସି ୨ଟିର)

୩. ଅନ୍ତର୍ନିବେଶୀ ଶିକ୍ଷାର ଯେକୌଣସି ୨ଟି ଉପକାରିତା ଉଲ୍ଲେଖ କର ।

୪.ସମନ୍ୱିତ ଶିକ୍ଷା ଏବଂ ଅନ୍ତର୍ନିବେଶୀ ଶିକ୍ଷା ମଧ୍ୟରେ ଥିବା ଯେକୌଣସି ୨ଟି ପାର୍ଥକ୍ୟ ଲେଖ ।

## ୭.୩: ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରଭାବିତ କରୁଥିବା କାରକ

ଆମେ ଜାଣିଛୁ ଯେ ଅନ୍ତର୍ନିବିଶୀ ଶିକ୍ଷା ହେଉଛି ଶିକ୍ଷାରେ ଏକ ବିଶ୍ୱବ୍ୟାପୀ ଧାରା । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରୟୋଗକାରୀ ସଂସ୍ଥା ଗୁଡ଼ିକ ପିଲାମାନଙ୍କର ଅଧିକାରକୁ ଗୁରୁତ୍ୱ ସହ ଗ୍ରହଣ କରିବା ଆବଶ୍ୟକ । ବିଦ୍ୟାଳୟ ଗୁଡ଼ିକ ବିଭେଦତା ସତ୍ତ୍ୱେ ଗୋଷ୍ଠୀରେ ଥିବା ସମସ୍ତ ପିଲାମାନଙ୍କର ଆବଶ୍ୟକତାକୁ ପୂରଣ କରିବା ଆବଶ୍ୟକ । ଏହି ଧାରଣାଟି ସହଜ, ସରଳ ଜଣା ପଡୁଥିଲେ ମଧ ଏହି ଲକ୍ଷ୍ୟ ପୂରଣ ଦିଗରେ ମୁଖ୍ୟ ପ୍ରତିବନ୍ଧକ ଗୁଡ଼ିକ  ରହିଛି ।

ଅନ୍ତର୍ନିବେଶୀ ଶିକ୍ଷାର ଲକ୍ଷ୍ୟ ପୂରଣ ଦିଗରେ ଅନେକ ସମସ୍ୟା ରହିଛି, ତାହା ନିମ୍ନରେ  ଆଲୋଚିତ ହୋଇଛି ।

### ୭.୩.୧: ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭେଦତା / ଭିନ୍ନତା

ସମବୟସ୍କ ପିଲାମାନଙ୍କ ମଧ୍ୟରେ ବହୁତ ବିଭିନ୍ନତା ଦେଖାଯାଏ । ପିଲାମାନେ ସେମାନଙ୍କର ପାରିବାରିକ ପୃଷ୍ଠଭୂମି, ଶିଖିବାର ଦକ୍ଷତା, ବ୍ୟକ୍ତିଗତ ଗୁଣାବଳୀ, ମନୋଭାବ, ଆଗ୍ରହ ଏବଂ ପ୍ରତିଶ୍ରୁତିବଦ୍ଧତା ଇତ୍ୟାଦି ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥାନ୍ତି  । ଏହି ବ୍ୟାପକ ଭିନ୍ନତାକୁ ପୂରଣ କରିବା ଶିକ୍ଷା କ୍ଷେତ୍ରରେ ଏକ କଠିନ କାର୍ଯ୍ୟ ।

**୭.୩.୨ .ଶିକ୍ଷକଙ୍କ ପ୍ରସ୍ତୁତି**

ପିଲାମାନଙ୍କ ମଧ୍ୟରେ ଥିବା ବିଭିନ୍ନ ଆବଶ୍ୟକତାକୁ ଚିହ୍ନଟକରିବା କୌଶଳକୁ ଶିକ୍ଷକଙ୍କୁ ଜାଣିବାକୁ ପଡ଼ିବ । ଏଥିନିମନ୍ତେ ଶିକ୍ଷକ ପ୍ରସ୍ତୁତି କାର୍ଯ୍ୟକ୍ରମ ଏହି ଅସୁବିଧାକୁ କ୍ୱଚିତ୍, ଦୂର କରିଥାଏ । ଶ୍ରେଣୀ କକ୍ଷରେ ପ୍ରତ୍ୟେକ ଦିନ ପିଲାମାନଙ୍କର ଏହି ଆବଶ୍ୟକତା/ବିଭେଦତାକୁ କୌଶଳରେ ସମାଧାନ କରିବା ନିମନ୍ତେ ଶିକ୍ଷକଙ୍କପାଇଁ କେତେକ ନିର୍ଦ୍ଦିଷ୍ଟ ପ୍ରଶିକ୍ଷଣର ଆବଶ୍ୟକତା ରହିଛି । ଆମ ଦେଶରେ ଏହି ଆବଶ୍ୟକତା ପୂରଣ ହେଉ ନାହିଁ । ଏଣୁ ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନ ନିମନ୍ତେ ଏହା ବାଧା ସୃଷ୍ଟି କରୁଛି ।

**୭.୩.୩ : ଭିତ୍ତିଭୂମି**

ଅବସ୍ଥିତି, ପ୍ରଶସ୍ତସ୍ଥାନ ଏବଂ ଶ୍ରେଣୀଗୃହର ବ୍ୟବସ୍ଥା ଅନ୍ତର୍ନିବେଶୀ ଶିକ୍ଷାର ସଫଳତା ପାଇଁ ଅତ୍ୟାବଶ୍ୟକୀୟ କାରକ ଭାବେ କାର୍ଯ୍ୟ କରିଥାଏ । ଆମ ଦେଶର ଅଧିକାଂଶ ବିଦ୍ୟାଳୟ ଗୁଡ଼ିକରେ ଉପଯୁକ୍ତ ଶିକ୍ଷଣ ପାଇଁ ଏହିସବୁ ଭିତ୍ତିଭୂମିର ଘୋର ଅଭାବ ରହିଛି । ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନ ପାଇଁ ବିଦ୍ୟାଳୟ କୋଳାହଳମୟ ପରିବେଶରୁ ମୁକ୍ତ, ଶ୍ରେଣୀ କୋଠରୀ ଗୁଡିକରେ ସଠିକ୍ ବାୟୁ ଚଳାଚଳ, ଶ୍ରେଣୀକକ୍ଷ ଭିତରେ ଓ ବାହାରେ ଚଳ ପ୍ରଚଳ ପାଇଁ ପ୍ରଶସ୍ତ ସ୍ଥାନ, ଖେଳିବା ପାଇଁ ଖେଳ ପଡ଼ିଆ ଏବଂ ଅନ୍ୟାନ୍ୟ ସହ-ପାଠ୍ୟ କାର୍ଯ୍ୟାବଳୀର ସୁବ୍ୟବସ୍ଥା ହେବା ନିତାନ୍ତ ଆବଶ୍ୟକ ।

**୭.୩.୪ : ସମ୍ବଳର ଉପଲବ୍ଧତା**

ଆମ ବିଦ୍ୟାଳୟମାନଙ୍କରେ ପିଲାମାନଙ୍କୁ ଶିକ୍ଷଣ ପ୍ରକ୍ରିୟାରେ ସହାୟତା ଦେବା ନିମନ୍ତେ ଆବଶ୍ୟକୀୟ ସମ୍ବଳ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ପାରିନାହିଁ । ଶିକ୍ଷକମାନେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ବ୍ୟବହାରର କୌଶଳ ଜାଣିନାହାଁନ୍ତି । ତେଣୁ ଶିକ୍ଷକମାନେ  ଶିକ୍ଷଣ ଆବଶ୍ୟକତାରେ ଭିନ୍ନତା ଥିବା ପିଲାମାନଙ୍କୁ ଉପଯୁକ୍ତ ସାମଗ୍ରୀ ବ୍ୟବହାରର ବିନା ସେମାନଙ୍କୁ ଶିକ୍ଷଣ ସହାୟତା ଦେବାରେ ଅସମର୍ଥ ହେଉଛନ୍ତି ।

କେତେକ ବର୍ଗର ନିର୍ଦ୍ଦିଷ୍ଟ ଦିବ୍ୟାଙ୍ଗମାନଙ୍କୁ ସହାୟତା ଦେବା ନିମନ୍ତେ ପେଶାଦାରୀ (Professioner) ମାନଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ  ଅଟେ । ଶିକ୍ଷଣ ପ୍ରକ୍ରିୟାରେ କେତେକ ପିଲାଙ୍କ  ନିମିତ୍ତ ନୈଦାନିକ ମନୋବିଜ୍ଞାନୀ (Clinical Psychologists) ସମାଜସେବୀ, ଶ୍ରବଣ ବିଶେଷଜ୍ଞ, ବାକ୍ ବିଶେଷଜ୍ଞ, ସାଙ୍କେତିକ ଭାଷା ପ୍ରଶିକ୍ଷକ, Speech Language Pathologists,ଭୌତିକ ଚିକିତ୍ସକ(Physiotherapist), ବୃତ୍ତିଗତ ଚିକିତ୍ସକ(Occupational Therapist) ଇତ୍ୟାଦି ବ୍ୟକ୍ତିବିଶେଷଙ୍କର ସହାୟତା ଅତ୍ୟନ୍ତ ଆବଶ୍ୟକ ଅଟେ । ବିଶେଷତଃ ଗ୍ରାମାଞ୍ଚଳମାନଙ୍କରେ ବିଦ୍ୟାଳୟ ଗୁଡ଼ିକର ଏହି ସୁବିଧା ପାଇବା ବିରଳ ଅଟେ ।

> "ଏକାକୀ ଆମେ ବହୁତ ଅଳ୍ପ କରୁ, ଏକତ୍ର ବହୁତ କିଛି କାର୍ଯ୍ୟ କରିପାରୁ ।"
>
> "(Alone we can do so little, together we do so much)"
>
> –Helen Keller

**୭.୩.୫ : ମୂଲ୍ୟାୟନ ବ୍ୟବସ୍ଥା**

ଆମ ଶିକ୍ଷାର ବ୍ୟବସ୍ଥା ଅନମନୀୟ / କଠୋର ମୂଲ୍ୟାୟନ ବ୍ୟବସ୍ଥାଯୋଗୁଁ ପିଲାମାନଙ୍କର ଦକ୍ଷତାକୁ ସଠିକ୍ ଭାବେ ଆକଳନ କରାଯାଇପାରେ ନାହିଁ । ପିଲାମାନଙ୍କର ବିଭିନ୍ନତା ହେତୁ ମୂଲ୍ୟାୟନ ବ୍ୟବସ୍ଥା ନମନୀୟ ବା ସମସ୍ତଙ୍କୁ ସୁହାଇବା ଭଳି ହେବା ଆବଶ୍ୟକ  । ଯଦି ପିଲାଟି ଠିକ୍ ଭାବରେ ଲେଖି ପାରୁନାହିଁ ତେବେ ତା'ର ଅନ୍ୟଦକ୍ଷତା ଗୁଡ଼ିକୁ ଅବହେଳିତ / ଅଣଦେଖା କରାଯାଏ । ଯଦି ପିଲାଟି ପଠନ ଓ ଲିଖନ ବ୍ୟତୀତ ଅନ୍ୟପ୍ରକାରର ମୂଲ୍ୟାୟନ ବ୍ୟବସ୍ଥା ଦରକାର କରୁଥାଏ ତେବେ ଆମେ ସେହି ପିଲାକୁ ସେହି ସୁଯୋଗ  ଦେଇନଥାଉ । ଏହି ବ୍ୟବସ୍ଥା ବା ଏହି

ପ୍ରକାରର ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥା ଯୋଗୁଁ ପିଲାଟି ହତୋତ୍ସାହିତ ହୋଇ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ଯାଏ, ଯାହାକି ଅନ୍ତର୍ନିବିଶୀ ଶିକ୍ଷା ବ୍ୟବସ୍ଥାରେ ଏକ ମୁଖ୍ୟ ପ୍ରତିବନ୍ଧକ ଭାବେ କାର୍ଯ୍ୟ କରିଥାଏ । "ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ପ୍ରତିଭାବନ । କିନ୍ତୁ ତୁମେ ଯଦି ବିଚାର କରିବ ଯେ ମାଛଟି ନିଜ ସାମର୍ଥ୍ୟ ବଳରେ ଗଛକୁ ଚଢି ପାରିବ, ସେ ଏହି ବିଶ୍ୱାସରେ ସାରାଜୀବନ ରହିଯିବ ଯେ ସେ ବୋକା ଅଟେ ।" "Everyone is a genius. But if you judge a fish on its ability to climb the tree, it will live its whole life believing that it is stupid ." −Albert Einstein

**ନିଜ ଅଗ୍ରଗତି ଆକଳନ -୨**

୧ .ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରଭାବିତ କରୁଥିବା ଯେକୌଣସି ୪ଟି କାରକ ଉଲ୍ଲେଖ କର ।

..........................................................................................................................

..........................................................................................................................

..........................................................................................................................

..........................................................................................................................

..........................................................................................................................

## ୭.୪: ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ ଗଠନ କରିବା

ଉପରୋକ୍ତ ବିଭାଗରେ ଆମେ ଶିକ୍ଷାକ୍ଷେତ୍ରରେ ପ୍ରୟୋଗ ହେଉଥିବା ଏହି ତଥାକଥିତ ବ୍ୟବସ୍ଥା(ଅନ୍ତର୍ନିବେଶୀ ଶିକ୍ଷା)ର ସଫଳ ରୂପାୟନରେ ଉପୁଜୁଥିବା ପ୍ରତିବନ୍ଧକ ଗୁଡ଼ିକୁ ଆଲୋଚନା କଲୁ । ଅନ୍ତର୍ନିବେଶୀ ଶିକ୍ଷାର ସଫଳତାନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯେଉଁ ନୀତି ହେଉନା କାହିଁକି, ଏହାର ସଫଳ ରୂପାୟନକାରୀ ହେଉଛନ୍ତି 'ଶିକ୍ଷକ' । ତେଣୁ ଶ୍ରେଣୀକକ୍ଷରେ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଏହାର ସଫଳ ରୂପାୟନ ନିମନ୍ତେ ଆମମାନଙ୍କର ଭୂମିକାକୁ ବୁଝିବାକୁ ହେବ ।

ପ୍ରଶ୍ନ- ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ ଗଠନ ନିମନ୍ତେ ଶିକ୍ଷକ ଭାବେ ଆମେ କେଉଁ ସବୁ କାର୍ଯ୍ୟ କରିବା ?

### ୭.୪.୧. ଶିକ୍ଷଣ ସାମଗ୍ରୀର ବ୍ୟବହାର

ଶ୍ରେଣୀ କକ୍ଷରେ ଗୁଣାତ୍ମକ ଶିକ୍ଷଣ ନିମନ୍ତେ ଶିକ୍ଷକ ଶିକ୍ଷଣକୁ ସାହାଯ୍ୟ କରୁଥିବା ଉପକରଣ / ସାମଗ୍ରୀ ଉପରେ ନିର୍ଭର କରିଥାନ୍ତି । ଯଦି ଶିକ୍ଷଣ ପ୍ରକ୍ରିୟାରେ ବିଭିନ୍ନ ସାମଗ୍ରୀର ବ୍ୟବହାର କରାଯାଏ, ତେବେ ଯେକୌଣସି ପିଲା ଶିକ୍ଷଣରେ ସ୍ୱତଃସ୍ଫୁର୍ତ୍ତ ଭାବେ ଅଂଶ ଗ୍ରହଣ କରିବ ।

ଦୃଶ୍ୟ ସାମଗ୍ରୀ

ଏହି ପ୍ରକାର ସାମଗ୍ରୀ ଗୁଡ଼ିକ ଯଥା- ଛବି କିମ୍ବା ଫଟୋଗ୍ରାଫ୍‌କୁ ଶିକ୍ଷଣରେ ସହାୟତା ନିମନ୍ତେ ବ୍ୟବହାର କରାଯାଇଥାଏ । ଶବ୍ଦ ବଦଳରେ ଛବିର ବ୍ୟବହାର ପିଲାକୁ ତା' ସମ୍ବନ୍ଧରେ ଅନେକ ଧାରଣା ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ 'ସମୁଦ୍ର ଘୋଡ଼ା'

ଓ 'ତାଜମହଲ'ର ଛବି / ଚିତ୍ରରୁ ଯେତିକି ଧାରଣା / ଜ୍ଞାନ ମିଳିଥାଏ, ଏହି ଶବ୍ଦରେ ତାହା ସମ୍ଭବ ହୋଇନଥାଏ । ବିଶିଷ୍ଟ ବ୍ୟକ୍ତି ମହାପୁରୁଷଙ୍କ ଛବି, ବିରଳ ବୃକ୍ଷ ଓ ପଶୁମାନଙ୍କର ଚିତ୍ର, ଐତିହାସିକ ସ୍ଥାନ ଓ ଘଟଣାବଳୀର ଫଟୋଗ୍ରାଫ୍ ପିଲାମାନଙ୍କୁ ଏହି ସବୁ ବିଷୟରେ କଳ୍ପନା କରିବାକୁ ସାହାଯ୍ୟ କରେ ।

ଟିପ୍ପଣୀ

ସ୍ପର୍ଶ ସାମଗ୍ରୀ ଗୁଡ଼ିକ ବାସ୍ତବ/ପ୍ରକୃତ ବସ୍ତୁ କିମ୍ବା ପ୍ରତିରୂପ ରୂପେ ସେହି ବିଷୟରେ ସବିଶେଷ ତଥ୍ୟ/ଧାରଣା ପ୍ରଦାନ କରିଥାଏ । ଗୋଟିଏ ପ୍ରିଜିମ୍( Prism) ବିଷୟରେ ସବିଶେଷ ତଥ୍ୟ/ଧାରଣା ପ୍ରଦନ କରିଥାଏ । ଯେତେ ଚିତ୍ର ବା ଭାଷଣ ତା' ବିଷରେ ସଠିକ୍ ଧାରଣା ଦେବାକୁ ସମର୍ଥ ହୋଇନଥାଏ । ଆଭ୍ୟନ୍ତର ଅଙ୍ଗପ୍ରତ୍ୟଙ୍ଗ( Internal organs) , ତିନି ଆକାର ବିଶିଷ୍ଟ ଜ୍ୟାମିତିକ ରୂପ/ଛବି (Three dimensional geographical figure) ଗୁଡ଼ିକୁ ମଡ଼େଲ୍ ମାଧମରେ ତା' ସମ୍ବନ୍ଧରେ ସଠିକ୍ ଭାବେ ଜାଣିହୁଏ । ମନ୍ଦାର ଫୁଲ ମାଧମରେ କୌଣସି ଫୁଲର ବିଭିନ୍ନ ଅଙ୍ଗ ବିଷୟରେ ସହଜରେ ବୁଝିହୁଏ ।

ଆମ ଚତୁଃପାଶ୍ୱରେ ଥିବା ପରିବେଶ ଶିକ୍ଷଣ ସାମଗ୍ରୀ ପାଇଁ ସମୃଦ୍ଧ ଅଟେ । ବୁଦାଗଛ, ଗୁଳ୍ମ, ବୃକ୍ଷ, ଲତା ଇତ୍ୟାଦି ବିଷୟରେ ଧାରଣା ଦେବା ନିମିତ୍ତ ପରିବେଶରେ ଏହି ସବୁ ଜିନିଷ ସହଜରେ ଉପଲବ୍ଧ ହୁଏ । ଡାକଘର, ବ୍ୟାଙ୍କ ଏବଂ କ୍ଲିନିକ୍ ଇତ୍ୟାଦି ସ୍ଥାନରୁ ଛାତ୍ରଛାତ୍ରୀ ମାନେ ଏହି ସମ୍ବନ୍ଧରେ ଧାରଣା ପାଇବା ସହିତ ଏଥିରେ କାର୍ଯ୍ୟ କରୁଥିବା ଲୋକମାନେ କିପରି ସାହାଯ୍ୟ କରନ୍ତି ତାହା ଜାଣିପାରିବେ ।

ପରିବେଶରୁ ସହଜରେ ମିଳୁଥିବା ସାମଗ୍ରୀ ଗୁଡିକର ପ୍ରଦର୍ଶନ ଏବଂ ପରୀକ୍ଷଣ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଦିଆଯାଇ ପାରିବ । ପତ୍ରର ଉତ୍ସ୍ୱେଦନ ପ୍ରକ୍ରିୟାର ପରୀକ୍ଷଣ ନିମନ୍ତେ ଏକ ସ୍ୱଚ୍ଛ ପ୍ଲାଷ୍ଟିକ୍ ଖୋଳରେ ସୂତାକୁ ପୁରାଇ ପିଲାମାନଙ୍କୁ ଦେଖାଯାଇପାରେ । ଅଦରକାରୀ କାର୍ଡ୍‌କୁ ବ୍ୟବହାର କରି ଜ୍ୟାମିତିକ ଉପପାଦ୍ୟ ଓ ସୂତ୍ର ନିର୍ଣ୍ଣୟ ନିମନ୍ତେ ବ୍ୟବହାର କରାଯାଇ ପାରେ ।

ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା( ICT) ର ପ୍ରସାର ଶିକ୍ଷାର୍ଥୀଙ୍କୁ ବୈଦ୍ୟୁତିକ ଶିକ୍ଷଣ ସାମଗ୍ରୀ ବ୍ୟବହାରର ଅସୀମ ସୁଯୋଗ ପ୍ରଦାନ କରିଛି । ଆମେ ଯଦି କମ୍ପ୍ୟୁଟର ର ବ୍ୟବହାର ଜାଣିଥିବା ତେବେ ବାସ୍ତବ ଜିନିଷ ବଦଳରେ ଉକ୍ତ ଜିନିଷକୁ ଶ୍ରେଣୀଗୃହରେ କମ୍ପ୍ୟୁଟରରେ ଦେଖାଇପାରିବା । ସମସ୍ତ ବିଦ୍ୟାଳୟରେ ପ୍ରିଜମ୍ ଉପଲବ୍ଧ ହୋଇନପାରେ । କିନ୍ତୁ କମ୍ପ୍ୟୁଟର ମାଧମରେ ତିନି ଆକାର ବିଷିଷ୍ଟ ବସ୍ତୁର ଚିତ୍ର ଏବଂ ଗତିକୁ ଆମେ ପିଲାମାନଙ୍କୁ ଦେଖାଇପାରିବ ।

ଶାରୀରର ଖାଦ୍ୟ ହଜମ ପ୍ରକ୍ରିୟାକୁ କମ୍ପ୍ୟୁଟର ମାଧମରେ ପିଲାମାନଙ୍କୁ ଦେଖାଯାଇପାରେ । ବିଭିନ୍ନ ରାସାୟନିକ ବନ୍ଧନରେ ଅଂଶଗ୍ରହଣ କରୁଥିବା ବୈଦ୍ୟୁତିକ ଅଣୁ ବିଭାଜନକୁ ଦୃଶ୍ୟ-ଶ୍ରାବ୍ୟ ଏବଂ ମୁଦ୍ରଣ ମାଧମରେ କମ୍ପ୍ୟୁଟରର ସାହାଯ୍ୟରେ ପିଲାଙ୍କୁ ପ୍ରଦର୍ଶନ କରାଯାଇପାରେ ।

ଶିକ୍ଷକଙ୍କ ଦ୍ୱାରା ସ୍ୱଳ୍ପ ମୂଲ୍ୟରେ ତିଆରି ହେଉଥିବା ଶିକ୍ଷଣ ସାମଗ୍ରୀ ଗୁଡ଼ିକ ଶିକ୍ଷାଦାନ ନିମିତ୍ତ ଉତ୍ତମ ସାମଗ୍ରୀ ରୂପେ ବ୍ୟବହାର କରାଯାଏ । ଏଗୁଡ଼ିକ ପରିବେଶରୁ ମିଳୁଥିବା ଅଦରକାରୀ ବସ୍ତୁକୁ ନେଇ ପ୍ରସ୍ତୁତ ହୋଇଥାଏ । ପରିବେଶରୁ ମିଳୁଥିବା ଅଦରକାରୀ ଜିନିଷକୁ ନେଇ ଶ୍ରେଣୀକକ୍ଷରେ ଶିକ୍ଷଣରେ ବ୍ୟବହାର କରାଗଲେ, ପରିବେଶରୁ ମିଳୁଥିବା ସମସ୍ତ ଜିନିଷ ଗୁଡ଼ିକ ଦରକାରୀ ଭାବେ ପ୍ରତୀୟମାନ ହେବ ।ଏହି ସବୁ ସାମଗ୍ରୀ ଗୁଡ଼ିକୁ ବ୍ୟବହାର କରି ଶିକ୍ଷକ ଶିକ୍ଷାଦାନ କଲେ ଶିକ୍ଷାର୍ଥୀମାନେ ଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ କରିବେ ଏବଂ ଆନନ୍ଦ ପାଇବେ । ବାହାଘରର ରଙ୍ଗୀନ ନିମନ୍ତ୍ରଣ କାର୍ଡ଼କୁ ବ୍ୟବହାର କରି ବିଭିନ୍ନ ଆକୃତିର ଗୃହ ନିର୍ମାଣ କରାଯାଇପାରେ ଗଛରୁ ମିଳୁଥିବା ମଞ୍ଜିଗୁଡ଼ିକୁ ଗଣିତ ଶିକ୍ଷାଦାନ ବେଳେ ଗଣନ, ଯୋଗ( ୨+୨=୪), ଫେଡାଣ (୩-୨=୧) ଇତ୍ୟାଦିରେ ଶିଖାଇବାରେ ବ୍ୟବହାର କରାଯାଇପାରିବ । ଭାରତ ମାନଚିତ୍ରରେ ବିଭିନ୍ନ ରାଜ୍ୟର ସୀମାରେଖାକୁ ବ୍ୟବହୃତ ରଙ୍ଗୀନ ରିବନ୍ ସାହାଯ୍ୟରେ ଚିହ୍ନଟ କରାଯାଇପାରେ । ପୁରୁଣା ପତ୍ର ପତ୍ରିକା, ମାଗାଜିନ୍ ଇତ୍ୟାଦି ଶିକ୍ଷଣର ଗନ୍ତାଘର ହୋଇଥିବାରୁ ଏଗୁଡ଼ିକୁ ଶିକ୍ଷଣ ଉପକରଣ ଭାବେ ବ୍ୟବହୃତ କରାଯାଇପାରିବ ।

ଶ୍ରେଣୀକକ୍ଷରେ ସମସ୍ତ ପିଲାମାନଙ୍କ ନିମନ୍ତେ ଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ ପାଇଁ ଏହି ସବୁ ବିଭିନ୍ନ ପ୍ରକାରର ସାମଗ୍ରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷଣ ନିମିତ୍ତ ଆନନ୍ଦ ଓ ଉତ୍ସାହ

ଜାଗ୍ରତ କରିଥାଏ । ଆନନ୍ଦଦାୟୀ ଶିକ୍ଷଣ ଶିକ୍ଷାର୍ଥୀଙ୍କୁ ନିୟମିତ ବିଦ୍ୟାଳୟକୁ ଆସିବା ନିମନ୍ତେ ପ୍ରୋତ୍ସାହିତ କରିଥାଏ ।

## ୭.୪.୨: ଭୌତିକ ପରିବେଶକୁ ରୂପାନ୍ତରିତ କରିବା



ଆମେ ରହୁଥିବା ସ୍ଥାନ ସବୁଦୃଷ୍ଟିରୁ ଉପଯୁକ୍ତ ହେବା ଆବଶ୍ୟକ । ଯଦି କୌଣସି ପିଲାର ଚଳପ୍ରଚଳ ହେବାରେ ଅସୁବିଧା ରହିଛି ତେବେ ବିଦ୍ୟାଳୟ ପରିବେଶ ସେହି ପିଲାର ଆବଶ୍ୟକତା ଅନୁଯାୟୀ ହେବା ଉଚିତ୍ । ଯଦି କୌଣସି ପିଲା ଉପର ମହଲାରେ ଥିବା ଶ୍ରେଣୀ କକ୍ଷକୁ ଯିବାରେ ଅସମର୍ଥ, ତେବେ ଶ୍ରେଣୀଟିକୁ ଉପରମହଲାରୁ ତଳମହଲାକୁ ପରିବର୍ତ୍ତିତ କରିବାକୁ ହେବ । ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସୁବିଧା ପାଇଁ ଶ୍ରେଣୀ କୋଠରୀକୁ ଖୋଜି ପାଇ ଓ ପ୍ରବେଶ ନିମନ୍ତେ ଶ୍ରେଣୀ କକ୍ଷଟି ପ୍ରବେଶ ଦ୍ୱାରର ନିକଟବର୍ତ୍ତୀ ହେବା ଆବଶ୍ୟକ ।

ଶ୍ରେଣୀ କକ୍ଷରେ ଯଥେଷ୍ଟ ଖୋଲାସ୍ଥାନ ଥିବା ଆବଶ୍ୟକ । ଆସବାପତ୍ର ଗୁଡ଼ିକ ଯଥା ସ୍ଥାନରେ ସଜ୍ଜିତ କରିବା ଆବଶ୍ୟକ ଯାହାକି ପିଲାଟିକୁ ଶ୍ରେଣୀ କକ୍ଷରେ ଚଳପ୍ରଚଳ ହେବାରେ ବାଧା ସୃଷ୍ଟି କରୁନଥିବ । ଶିକ୍ଷାର୍ଥୀଙ୍କର ଆବଶ୍ୟକତା/ଚାହିଦା ଅନୁଯାୟୀ ଶ୍ରେଣୀ କକ୍ଷଟିରେ ଛାତ୍ରଛାତ୍ରୀଙ୍କ ବସିବା ସ୍ଥାନ ବ୍ୟବସ୍ଥିତ ହେବା ଆବଶ୍ୟକ । ଶ୍ରବଣ ବାଧିତ ପିଲାକୁ ଶ୍ରେଣୀର ମଝିରେ ପ୍ରଥମ ଧାଡିରେ ବସିବାକୁ ସୁଯୋଗ ଦେବା ଅଧିକ ଗ୍ରହଣୀୟ । ଯେଉଁ ପିଲା ଶିକ୍ଷକଙ୍କ ଅଧିକ ଧ୍ୟାନ ଆକର୍ଷଣ ଦରକାର କରନ୍ତି ସେମାନେ ଶିକ୍ଷକଙ୍କ ନିକଟବର୍ତ୍ତୀ ସ୍ଥାନରେ ବସିବା ଆବଶ୍ୟକ । ଯେଉଁ ପିଲାମାନେ ଉଜ୍ଜ୍ୱଳ ଆଲୋକ ଦେଖିବାପରେ ଅସୁବିଧା ଭୋଗକରନ୍ତି ସେମାନଙ୍କୁ ସିଧାସଳଖ ମୁହଁରେ ଆଲୋକ ପଡୁଥିବା ସ୍ଥାନରେ ବସାଇବା ଅନୁଚିତ୍ ।

ଶ୍ରେଣୀକକ୍ଷ ଭିତର ଓ ବାହାରକୁ କୋଳାହଳମୟ ଠାରୁ ଦୂରେଇ ରଖିବା ଆବଶ୍ୟକ । ଯେଉଁପିଲାମାନେ ସହଜରେ ଅନ୍ୟମନସ୍କ ହୁଅନ୍ତି ସେମାନଙ୍କର ବସିବା ସ୍ଥାନ ବାରଣ୍ଡା, ଝରକା ଏବଂ ଦ୍ୱାର ଠାରୁ ଦୂରେଇ ରଖିବା ଆବଶ୍ୟକ । ଆସବାବଦ୍ୱାରା ଯେପରି କୋଳାହଳ ସୃଷ୍ଟି ନହୁଏ, ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ । ଯେତେ ସମ୍ଭବ ପ୍ରାକୃତିକ ଆଲୋକ ଏବଂ ବାୟୁର ବ୍ୟବହାର ହେବା ଆବଶ୍ୟକ । ଫ୍ୟାନ୍ ଏବଂ ଲାଇଟ୍ କେତେକ ପିଲାଙ୍କୁ ଅନ୍ୟମନସ୍କ କରାଇଥାଏ ଏବଂ ଶ୍ରେଣୀକକ୍ଷରେ ଶାନ୍ତି ଭଙ୍ଗ କରିଥାଏ ।

ସର୍ବୋପରି କହିବାକୁ ଗଲେ ବିଦ୍ୟାଳୟ ଚତୁଃପାର୍ଶ୍ୱରୁ ପରିଷ୍କାର ଏବଂ ସୁସଂଗଠିତ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ । ଆମେ ଶିକ୍ଷକ ଭାବରେ ଏହିସବୁ ଦିଗ ପ୍ରତି ଧ୍ୟାନ ଦେବା ଅତିଆବଶ୍ୟକ । ପାଳି କରି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନ ରଖିବା ତଥା ଶ୍ରେଣୀଗୃହକୁ ସଜାଡ଼ିରଖିବା ଦାୟିତ୍ୱ ଦିଆଯାଇପାରେ । ଚାର୍ଟ, ବିଭିନ୍ନ ଚିତ୍ର ଇତ୍ୟାଦିକୁ କାନ୍ଥରେ ଟଙ୍ଗାଇବା ଓ ଶ୍ରେଣୀକକ୍ଷକୁ ସୁସଜ୍ଜିତ କରିବା ଆବଶ୍ୟକ । ପରିଷ୍କାର ପରିଚ୍ଛନ ତଥା ସୁବ୍ୟବସ୍ଥିତ ଶ୍ରେଣୀକକ୍ଷ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣନିମନ୍ତେ ପ୍ରସ୍ତୁତ କରିଥାଏ ।

## ୭.୪.୩: ସରଳ ଶ୍ରେଣୀକକ୍ଷ ପରିଚାଳନା କୌଶଳର ଉପଯୋଗ କରିବା

ଯେତେବେଳେ ବିଭିନ୍ନ ଆବଶ୍ୟକତା ଥିବା ପିଲାମାନେ ଏକ ପ୍ରକାରର ବିଦ୍ୟାଳୟରେ ଗୋଟିଏ ଶ୍ରେଣୀରେ ଅବସ୍ଥାନ କରନ୍ତି, ସେତେବେଳେ ଆମକୁ ସେହି ସବୁ ସମସ୍ୟା ସମ୍ମୁଖୀନ ହେବା ନିମିତ୍ତ ପ୍ରସ୍ତୁତ ହେବାକୁ ପଡ଼ିବ । ଏହି ସବୁ ସମସ୍ୟାର ସମାଧାନ ନିମିତ୍ତ ବିଭିନ୍ନ ପ୍ରକାରର ଶିକ୍ଷଣ କୌଶଳକୁ ଅବଲମ୍ବନ କରି ଶିକ୍ଷାଦାନ କଲେ ଶିକ୍ଷାର୍ଥୀମାନେ ଉପକୃତ ହେବେ ।

'ସୁରଜ ' ଦୁଷ୍ଟ ପିଲାଭାବେ ପରିଚିତ । ସେ ଅନ୍ୟପିଲାଙ୍କ ସହିତ ଦୁଷ୍ଟାମୀ କରିବାକୁ ଭଲପାଏ । ଆମେ ଯଦି ତା'ର ଏହି ବ୍ୟବହାର ପ୍ରତି ସଚେତନ ହୋଇ ତାକୁ କହିବାଯେ "ମୁଁ ତୋର ସବୁ କାର୍ଯ୍ୟକଳାପକୁ ଦେଖୁଛି" ସେ ସଚେତନ ହେବ ଏବଂ ଦୁଷ୍ଟାମୀ କରିବାରୁ ବିରତ ହେବ । ପ୍ରିୟା, ସ୍ୱାତୀର ଚୁଟିକୁ ଟାଣି ଖୁସି ହୁଏ । ମାତ୍ର ସ୍ୱାତୀ ଜଣେ ଭୟାଳୁ ଓ ଲାଜକୁଳା ପ୍ରକୃତିର ପିଲା । ସେ ପ୍ରିୟାର ଏହି କାମକୁ ବିରୋଧ କରେ ନାହିଁ କି ଶିକ୍ଷକଙ୍କ ନିକଟରେ ଅଭିଯୋଗ କରେ ନାହିଁ । ଏପରି ସ୍ଥଳେ ପ୍ରିୟା କିମ୍ବା ସ୍ୱାତୀର ବସିବା ସ୍ଥାନକୁ ପରିବର୍ତ୍ତନ କରିଦେଲେ

ଟିପ୍ପଣୀ

ପ୍ରିୟାର ଏହି ବ୍ୟବହାରରେ ପରିବର୍ତ୍ତନ ଆସିପାରିବ । ଏହି ଦୁଇଟି ପରିସ୍ଥିତିରେ ଶିକ୍ଷକ ବ୍ୟସ୍ତ ବିବ୍ରତ ନହୋଇ କେତେକ କୌଶଳ ଅବଲମ୍ବନ କଲେ ଅତିକମ୍ ସମୟରେ ସମସ୍ୟାର ସମାଧାନ ହୋଇପାରିବ । ଅନୀଲ, ଶ୍ରେଣୀରେ ସାଙ୍ଗସାଥୀ ଓ ଶିକ୍ଷକ ଧ୍ୟାନ ଆକର୍ଷଣ  ନିମନ୍ତେ ଆବାଜ୍ କରେ । ଯଦି ଅନୀଲର ସଠିକ୍ ଉତ୍ତରକୁ ପ୍ରଶଂସା କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ  ନିଯୋଜିତ କରାଯାଇ ପାରିବ, ତେବେ ସେ ଆଉ ଆବାଜ କରି ଶ୍ରେଣୀରେ ବିଶୃଙ୍ଖଳା ସୃଷ୍ଟି କରିବ ନାହିଁ । ଶୁଭ ଗଣିତ ଶ୍ରେଣୀରେ ବହୁ ପରିଶ୍ରମ କରି ଗାଣିତିକ ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟାକରେ ।  ସେତେବେଳେ ଶିକ୍ଷକ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରି, ଶୁଭ ପାଖରେ ବସି ଗଣିତର ସମସ୍ୟା ସମାଧାନ ନିମନ୍ତେ ସହାୟତା ଦେବା ଆବଶ୍ୟକତା  । ରମ୍ୟା କଳା ପଟାରୁ ଦେଖିଲେଖିବାବେଳେ ଅସୁବିଧାର ସମ୍ମୁଖୀନ ହୁଏ । ଶିକ୍ଷକ ତା'ନିକଟକୁ ଯାଇ ଲେଖିବାପାଇଁ ଉତ୍ସାହିତ କରିବା ଉଚିତ୍ । ସନ୍ତୋଷ ପଢିବା ବେଳେ ବହୁତ ଭୁଲ୍ କରେ, ତେଣୁ ଶ୍ରେଣୀର ସମସ୍ତ ପିଲାମାନେ ତା'ଉପରେ ହସନ୍ତି ଏବଂ ସେ ଲଜ୍ଜିତ ହୁଏ । ତେଣୁ ଶିକ୍ଷକ ଯେଉଁ କାର୍ଯ୍ୟରେ ଆଗ୍ରହୀ ତାକୁ ସେହି କାର୍ଯ୍ୟ କରିବାକୁ ଦେଇ ଅନ୍ୟମାନଙ୍କ ସମକକ୍ଷ କରାଯାଇ ପାରିବ । ଏହି ପ୍ରକ୍ରିୟାରେ ବିନା ଅଧିକ ପରିଶ୍ରମରେ ତା'ର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

ଶ୍ରେଣୀ ପରିଚାଳନା ଆମର ଅଭିଜ୍ଞତା ଦ୍ୱାରାପରିମାର୍ଜିତ ହୁଏ । ପିଲାମାନଙ୍କୁ ସ୍ନେହ ଓ ଭଲପାଇବା ଦେଇ କୌଶଳର ସହିତ ସ୍ୱଳ୍ପ ସମୟ ଓ ଅଧ୍ୟବସାୟ ବଳରେ ସେମାନଙ୍କର ଦୈନନ୍ଦିନ ସମସ୍ୟା ଗୁଡ଼ିକ ସମାଧାନ କରାଯାଇ ପାରିବ ।

### ୭.୪.୪: ଶିଶୁପ୍ରିୟ ମୂଲ୍ୟାୟନ ବ୍ୟବସ୍ଥା ପ୍ରୟୋଗ

ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ/ଶିକ୍ଷା ବ୍ୟବସ୍ଥାରେ ଅନମନୀୟ/କଠୋର ମୂଲ୍ୟାୟନ ବ୍ୟବସ୍ଥା ଉପଯୁକ୍ତ ନୁହେଁ । ମୂଲ୍ୟାୟନ ବ୍ୟବସ୍ଥାରେ ଶିକ୍ଷାର୍ଥୀ କ'ଣ କରିବାରେ ସକ୍ଷମ ନୁହେଁ ପରିବର୍ତ୍ତେ କେଉଁଥିରେ ସକ୍ଷମ ତାହା ଆକଳନ କରାଯିବା ଉଚିତ୍ । ଶ୍ରେଣୀ କକ୍ଷରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସୁହଇଲା ଭଳି ମୂଲ୍ୟାୟନ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ ।

ଶ୍ରୁତି ଚତୁର୍ଥ ଶ୍ରେଣୀ ଛାତ୍ରୀ । ସେ ଚତୁର୍ଥ ଶ୍ରେଣୀରେ ପାଠକୁ ପଢିବାରେ ସମର୍ଥ । କିନ୍ତୁ ଶିକ୍ଷକ ପରୀକ୍ଷାରେ ଯେତେବେଳେ ମୌଖିକ ପ୍ରଶ୍ନ ପଚାରନ୍ତି ସେ କହିପାରେ ନାହିଁ  । ତା'ର କାରଣ ସେ ଭାଷାରେ ପ୍ରକାଶ କରିପାରେ ନାହିଁ ବା ଲାଜକୁଳୀ ହୋଇଥିବାରୁ ଶିକ୍ଷକଙ୍କ ସମ୍ମୁଖରେ ଉତ୍ତର ଦେଇପାରେ ନାହିଁ । ଏହି ପରିସ୍ଥିତିରେ କେଉଁ ବିକଳ୍ପ ଉପାୟରେ ଆମେ ତା'ର ଶିକ୍ଷଣ ଦକ୍ଷତାକୁ ଆକଳନ କରିବା ।? ଆମେ ତା'ଠୁ ଉତ୍ତର ପାଇବାକୁ ହେଲେ ମୂଲ୍ୟାୟନ ପଦ୍ଧତି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବା ଆବଶ୍ୟକ । ମୌଖିକ ଉତ୍ତର  ଆଶା କରାଯାଉଥିବା ପ୍ରଶ୍ନ ବଦଳରେ ଶିକ୍ଷାର୍ଥୀର ସାମର୍ଥ୍ୟ ଅନୁସାରେ କମ୍ପ୍ୟୁଟର, ଚିତ୍ର କିମ୍ବା ଲିଖିତ ଉପାୟରେ ତା'ର  ଦକ୍ଷତାକୁ ଆକଳନ କରାଯାଇପାରେ । ଏହି ବିକଳ୍ପ ବ୍ୟବସ୍ଥାକୁ 'ରୂପାନ୍ତର'( Modification) କୁହାଯାଏ ।

ଯେଉଁ ପିଲାଟିର ଦେଖିବାର ସମସ୍ୟା ହେତୁ ମୁଦ୍ରିତ ଅକ୍ଷରକୁ ପଢିବାରେ ଅକ୍ଷମ, ସେପରି ସ୍ଥଳେ ବ୍ରେଲି ପଠନ ସାମଗ୍ରୀ ଏବଂ ବଡ଼ ଅକ୍ଷରରେ ମୁଦ୍ରିତ ସାମଗ୍ରୀର ବ୍ୟବସ୍ଥା କରାଯାଇପାରେ । ଏପରି ବ୍ୟବସ୍ଥାକୁ 'ପ୍ରତିସ୍ଥାପନ( substitution)' କୁହାଯାଏ ।

ବିକ୍ରମ ୧୩ ବର୍ଷର ପିଲାଟି ସପ୍ତମ ଶ୍ରେଣୀରେ ପଢେ । ସମସ୍ତ ବିଷୟରେ ଅବାସ୍ତବ ଧାରଣା ଗୁଡ଼ିକୁ ବୁଝିବାରେ ସେ ଅକ୍ଷମ  । କିନ୍ତୁ ସେ ସରଳ ପ୍ରଶ୍ନର ଉତ୍ତର କହିବାରେ ସମର୍ଥ । ଏପରି ପିଲାକୁ ଶିକ୍ଷକ କିପରି ଆକଳନ କରିବେ ? ଏଠାରେ ବାଦ୍‌ଦେବା(Omission) ହେଉଛି ଏକ ଉତ୍ତମ ବିକଳ୍ପ । ଜଟିଳ ଧାରଣା ଗୁଡ଼ିକୁ ବାଦ୍‌ଦେଇ ସହଜ ଓ ସରଳ ଧାରଣା ଗୁଡ଼ିକୁ ପ୍ରୟୋଗ କରି ତା'ର  ଦକ୍ଷତାକୁ ଆକଳନ କରାଯାଇପାରେ ।

କେତେକ ପିଲା ଯେକୌଣସି ମୌଳିକ ପାଠ୍ୟ କୌଶଳକୁ ଶିଖିପାରନ୍ତି ନାହିଁ । ମାତ୍ର ସେମାନେ ଅନ୍ୟକ୍ଷେତ୍ରରେ ତାଙ୍କର ପ୍ରତିଭା ପ୍ରଦର୍ଶନ କରିଥାନ୍ତି । ଏପରି ସ୍ଥଳେ ଶିକ୍ଷକ ପିଲାକୁ ଆକଳନ କରିବା ନିମିତ୍ତ 'ପ୍ରତିସନ୍ତୁଳନ(

ଟିପ୍ପଣୀ

Compension)' କୌଶଳ ଅବଲମ୍ବନ କରିବା ଆବଶ୍ୟକ । ତେଣୁ ଅକ୍ଷମତାର ଫଳାଫଳକୁ ପ୍ରତିସନ୍ତୁଳନ କରିବାନିମନ୍ତେ ଧନ୍ଦାମୂଳକ କୌଶଳ ଓ ନିଜର ଯତ୍ନ ନେବା କୌଶଳର ବିକାଶ ନିମନ୍ତେ ପଦକ୍ଷେପ ନିଆଯାଇପାରେ ।

ଶିକ୍ଷାର୍ଥୀଙ୍କର ଦକ୍ଷତା ଓ ସାମାର୍ଥ୍ୟ ଅନୁଯାୟୀ ଆମେ ଯଦି ସେମାନଙ୍କୁ ମୂଲ୍ୟାୟନ କରୁ ତେବେ ସେମାନଙ୍କ ମତରେ ବିଦ୍ୟାଳୟ ଏକ ସୁନ୍ଦର ଓ ରମଣୀୟ ସ୍ଥାନ ହେବ । ନଚେତ୍ ପରୀକ୍ଷା ଓ ପରୀକ୍ଷଣର ଉଭୟ ଏହି ଭାବନାକୁ ପିଲାଙ୍କ ମନରୁ ଦୂରେଇଦେବ ଓ ସେମାନେ ବିଦ୍ୟାଳୟଠାରୁ ଦୂରେଇ ଯିବେ ।

ନିଜ ଅଗ୍ରଗତି ଆକଳନ - ୩

୧. କେଉଁ ଚାରିଗୋଟି ଉପାୟ ଦ୍ୱାରା ଅନମନୀୟ ମୂଲ୍ୟାୟନକୁ ଦୂର କରାଯାଇପାରିବ ?

..........................................................................................................................................

..........................................................................................................................................

..........................................................................................................................................

..........................................................................................................................................

**୭.୫: ଶିକ୍ଷା ବ୍ୟବସ୍ଥାରୁ ବହିଷ୍କାର / ଅଲଗା ହେବା ଯୋଗୁ ବିପଦରେ ଥିବା ପିଲାମାନେ**

ନିୟୁତ ନିୟୁତ ପିଲାମାନେ ସେମାନଙ୍କର ଶିକ୍ଷା ପାଇବାର ଅଧିକାରରୁ ବଞ୍ଚିତ ହେଉଛନ୍ତି ଏବଂ ସେମାନେ ଉପଯୁକ୍ତ ପରିବେଶରେ ସଠିକ୍ ମାତ୍ରାରେ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଦ୍ୟାଳୟରେ ଉପଯୁକ୍ତ ପରିବେଶର ଅଭାବ ଯୋଗୁଁ ବିଦ୍ୟାଳୟ ଛାଡୁଛନ୍ତି । ସେମାନଙ୍କୁ ନିକଟବର୍ତ୍ତୀ ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ବାରଣ କରାଯାଉଛି କିମ୍ବା ସେମାନଙ୍କର ଅପରିବର୍ତ୍ତନୀୟ ପରିସ୍ଥିତି ଯୋଗୁଁ ବିଦ୍ୟାଳୟରୁ ଦୂରରେ ରହିବାକୁ ବାଧ୍ୟ ହେଉଛନ୍ତି ।

ଆସ ସଂକ୍ଷେପରେ ବିଦ୍ୟାଳୟ ବାହାରେ ରହୁଥିବା ପିଲାଙ୍କ ବିଷୟରେ ଆଲୋଚନା କରିବା ।

**୭.୫.୧: ଦିବ୍ୟାଙ୍ଗ/ଭିନ୍ନକ୍ଷମ ପିଲାମାନେ**

ଦିବ୍ୟାଙ୍ଗ/ଭିନ୍ନକ୍ଷମ ପିଲାମାନେ ସେମାନଙ୍କର ଶିକ୍ଷଣ ଜନିତ କୌଶଳରେ ଆହରଣରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନେ ବିଦ୍ୟାଳୟ ବାହାରେ ରହିଯା'ନ୍ତି । ସେମାନଙ୍କର ଅକ୍ଷମତାର ପ୍ରକାର ଭେଦ ଯୋଗୁଁ ସେମାନେ ବିଦ୍ୟାଳୟର ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଆମେ ଏହି ବାଧକତା /ଅକ୍ଷମତାର ଶ୍ରେଣୀ ବିଭାଗ ବିଷୟରେ ସଂକ୍ଷେପରେ ଆଲୋଚନା କରିବା ଯେଉଁ ଗୁଡ଼ିକ ସେମାନଙ୍କର ଶିକ୍ଷଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ।

**(a) ଶିକ୍ଷଣ ଅନଗ୍ରସର/ବୌଦ୍ଧିକ ଅକ୍ଷମତା ପିଲାମାନେ**

ଏହି ପ୍ରକାର ପିଲାମାନଙ୍କର ମାନସିକ ଅନଗ୍ରସରତା ଭିନ୍ନଭିନ୍ନ ପରିମାଣରେ ହୋଇଥିବାରୁ ସେମାନେ ବିଦ୍ୟାଳୟର ସାଧାରଣ ପିଲାଙ୍କ ଭଳି ଶିକ୍ଷଣ ଦକ୍ଷତା ଗୁଡିକୁ ହାସଲ କରିପାରନ୍ତି ନାହିଁ । ପିଲାମାନଙ୍କର ଏହି ଶିକ୍ଷଣ ଅନଗ୍ରସରତା କାରଣଯୋଗୁଁ ସେମାନେ ମୌଳିକ ଶିକ୍ଷଣ ଦକ୍ଷତା ଯଥା- ପଠନ, ଲିଖନ ଓ ଗାଣିତିକ ହିସାବକୁ ସଠିକ୍ ଭାବେ କରିପାରନ୍ତି ନାହିଁ । ଏହିପ୍ରକାରର ପିଲାମାନଙ୍କୁ ଶିକ୍ଷକ ଚିହ୍ନଟ କରିବାରେ ଅସୁବିଧା ସମ୍ମୁଖୀନ ହୁଅନ୍ତି ।

**(b) ସାମାଜିକ, ଆବେଗିକ ଓ ବ୍ୟବହାରିକ ବିଶୃଙ୍ଖଳିତ ପିଲାମାନେ**

ପିଲାମାନଙ୍କ ମଧ୍ୟରେ ଥିବା କେତେକ ନିର୍ଦ୍ଦିଷ୍ଟ ବିଶୃଙ୍ଖଳା ସେମାନଙ୍କୁ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ କରିଥାଏ । ସେମାନେ ବିଦ୍ୟାଳୟର ସାଧାରଣ ପିଲାମାନଙ୍କ ସହିତ ସମଗତିରେ ଓ ସମପରିମାଣରେ ଶିକ୍ଷାଆହରଣ କରିପାରନ୍ତି

ଟିପ୍ପଣୀ

ନାହିଁ । ଏହା ସେମାନଙ୍କର ସାମାଜିକ କୌଶଳ, ଆବେଗିକ ବିଶୃଙ୍ଖଳା ଏବଂ ବ୍ୟବହାରିକ ସମସ୍ୟାରେ ଅଭାବ ଯୋଗୁଁ ହୋଇଥାଏ । ଯେହେତୁ ଶିକ୍ଷକ ଏହି ପିଲାମାନଙ୍କର ସମସ୍ୟା ସହିତ ପରିଚିତ ହୋଇନଥାନ୍ତି, ତେଣୁ ସେମାନେ ସମାଜରେ ଓ ବିଦ୍ୟାଳୟରେ ଅବହେଳିତ ହୋଇଥା'ନ୍ତି ଓ ସେମାନଙ୍କର ଅସୁବିଧାକୁ କେହି ବୁଝିପାରନ୍ତି ନାହିଁ ।

**(c) ଭାଷା ଓ ଭାବ ବିନିମୟ ସମସ୍ୟା**

କେତେକ ପିଲା ସେମାନଙ୍କର ସମବୟସ୍କ ପିଲାଙ୍କ ଭଳି ବାହାରକୁ ଏକାଭଳି ଦେଖାଯା'ନ୍ତି । କିନ୍ତୁ ସେମାନଙ୍କର ଭାବ ପ୍ରକାଶ କରିବା ଓ ବୁଝିବା ଦକ୍ଷତାରେ ବହୁତ ସମସ୍ୟା ରହିଥାଏ । ତେଣୁ ସେହି ପିଲାମାନେ ବିଦ୍ୟାଳୟର ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ କାର୍ଯ୍ୟାବଳୀରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସେହି  କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନଥାନ୍ତି ।

**(d) ଇନ୍ଦ୍ରିୟଗତ ଦୁର୍ବଳତା / ଅକ୍ଷମତା**

ଆମେ ବିଦ୍ୟାଳୟରେ ଶ୍ରବଣ ବାଧକତା ଓ ଦୃଷ୍ଟି ବାଧିତ ପିଲାମାନଙ୍କ ସଂସ୍ପର୍ଶରେ ଆସିଥାଉ । ଏହି ବାଧକତା ପିଲାମାନଙ୍କ ଠାରେ ଅଳ୍ପ (mild)ରୁ ବହୁତ (severe) ପରିମାଣରେ ଥାଏ ଏବଂ ଏହି ପିଲାମାନେ ଶ୍ରେଣୀରେ ଅନ୍ୟପିଲାଙ୍କ ସହିତ ମିଶିବା ଓ ଶିକ୍ଷଣ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ଏବଂ ସ୍ୱଳ୍ପ ଶ୍ରବଣ ବାଧିତ ପିଲାମାନଙ୍କ ନିମନ୍ତେ ଶୈକ୍ଷିକ ପ୍ରୟୋଗ ବହୁତ ମାତ୍ରାରେ ଶିକ୍ଷା ବ୍ୟବସ୍ଥାରେ ପରିଲକ୍ଷିତ ହୁଏ ।

**(e) ଶାରୀରୀକ ଅକ୍ଷମତା**

ବିଦ୍ୟାଳୟ ଯାଉଥିବା କେତେକ ପିଲାଙ୍କ କ୍ଷେତ୍ରରେ ଆମେ ଚଳନ ଗତ ସମସ୍ୟା ଥିବା ଦେଖିବାକୁ ପାଉ । ଏହା ସ୍ନାୟବିକ, ଅସ୍ଥିଶଲ୍ୟଗତ ଏବଂ ମାଂସପେଶୀୟ ଅବସ୍ଥାର ଦୁର୍ବଳତା/ବିଶୃଙ୍ଖଳା ଯୋଗୁଁ ଏହି ପ୍ରକାରର ଅକ୍ଷମତା ପିଲାଙ୍କଠାରେ ପରିଲକ୍ଷିତ ହୁଏ । ଏହି ବିଦ୍ୟାଳୟରେ ପିଲାମାନଙ୍କ ନିକଟରେ ସ୍ୱଳ୍ପରୁ ଅଧିକ ପରିମାଣରେ ସମସ୍ୟା ସୃଷ୍ଟି କରିଥାଏ ।

**(f) ସ୍ୱାସ୍ଥ୍ୟଗତ ସମସ୍ୟା :**

କେତେକ ପିଲାଙ୍କଠାରେ ବାଲ୍ୟକାଳରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇଥାଏ, ଯାହାକି ସେମାନଙ୍କୁ ବିଦ୍ୟାଳୟରେ ଦୀର୍ଘକାଳୀନ ଅନୁପସ୍ଥିତି ରହିବାକୁ ବାଧ୍ୟ କରିଥାଏ । ଏହା ପିଲାଙ୍କର ଶିକ୍ଷାରେ ବାଧା ସୃଷ୍ଟି କରିବାରେ କାରଣ ହୋଇଥାଏ ।  ଏହି ବିଭିନ୍ନ ଶାରୀରିକ ଅସୁସ୍ଥତା ଗୁଡ଼ିକ ଯଥା- ବାଲ୍ୟକାଳରୁ ମଧୁମେହ, ଆଣ୍ଠୁଗଣ୍ଠି ସମସ୍ୟା, ଅପସ୍ମାର/ ମୂର୍ଚ୍ଛାରୋଗ, ଅପପୁଷ୍ଟି ଯୋଗୁଁ ଦୁର୍ବଳତା ଇତ୍ୟାଦି ରୋଗ ସାଧାରଣତଃ ପ୍ରାରମ୍ଭିକ ସ୍ତରରେ ପିଲାମାନଙ୍କଠାରେ ଦେଖାଯାଇଥାଏ, ଯାହାକି ସେମାନଙ୍କୁ ଶିକ୍ଷାରୁ ବଞ୍ଚିତ କରେ ।

ଉପରୋକ୍ତ ବିଭିନ୍ନ ବାଧକତା ପିଲାମାନଙ୍କୁ ବିଦ୍ୟାଳୟରେ ପଢିବା ନିମନ୍ତେ ସମସ୍ୟା ସୃଷ୍ଟିକାରେ  । ଶିକ୍ଷକ ଭାବେ ଆମେ ପିଲାମାନଙ୍କର ଏହି ବାଧକତାକୁ ଚିହ୍ନଟ କରିବା ଏବଂ ସେମାନଙ୍କର ବ୍ୟବହାର ଓ କାର୍ଯ୍ୟକଳାପକୁ ଧୈର୍ଯ୍ୟର ସହିତ ମୁକାବିଲା କରିବା । ଏହି ଭାଗର ଅନ୍ୟ ଏକକଗୁଡିକ ପ୍ରତ୍ୟେକ ସ୍ଥିତିର ବିଶଦ ତଥ୍ୟ ସହ ଏଗୁଡିକର ଶ୍ରେଣୀ ଗୃହରେ ପରିଚାଳନା କରିବାର ଉପାୟମାନ ସୂଚିତ କରିବ । ଯଦି ଦିବ୍ୟାଙ୍ଗ ଶିଶୁମାନଙ୍କର ଅବସ୍ଥା ତୁମର ନିୟନ୍ତ୍ରଣ ବାହାରକୁ ଲୁଚିଯାଏ, ତେବେ କାଳବିଳମ୍ବ ନକରି ସେମାନଙ୍କୁ ଚିକିତ୍ସିକ କିମ୍ବା ପେଶାଦାର ବ୍ୟକ୍ତିଙ୍କ ଦ୍ୱାରା ଚିକିତ୍ସା କରାଇବା ଶ୍ରେୟସ୍କର ହେବ ।

**୭.୫.୨ : ଅବହେଳିତ ପରିବେଶର ପିଲାମାନେ**

ଏହା ଏକ ବଦ୍ଧମୂଳକ ଧାରଣା ଯେ ସମାଜରୁ ବା ପରିବେଶରୁ ଅବହେଳିତ / ବଞ୍ଚିତ ହୋଇଥିବା ପିଲାମାନଙ୍କ

କ୍ଷେତ୍ରରେ ଆତ୍ମ ପ୍ରତ୍ୟୟର ଅଭାବ ପରିଲକ୍ଷିତ ହୁଏ । ସାଧାରଣତଃ ଦାରିଦ୍ର୍ୟରେ ପୀଡିତ ପିଲା, ଦିନମଜୁରିଆ, ବସ୍ତି ଅଞ୍ଚଳରେ ବାସ କରୁଥିବା ଏବଂ ଅଭାବଗ୍ରସ୍ତ ବା ନିରାଶ୍ରୟ ପରିବାର ପିଲାମାନେ ଆର୍ଥିକ, ସାମାଜିକ ଏବଂ ମନସ୍ତାତ୍ତ୍ୱିକ ଭାବେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଅନ୍ତି ।

**୭.୫.୩: ବାଳିକା/ ଝିଅ ପିଲା**

ଝିଅ ମାନେ ସାଧାରଣତଃ ଶାରୀରୀକ, ସାମାଜିକ ଏବଂ ସାଂସ୍କୃତିକ କାରଣରୁ ଅବହେଳିତ ହୋଇଥା'ନ୍ତି ବିଶେଷତଃ ଗାଁ ଗହଳିରେ ତଥା ରୁଢିବାଦୀ ବହୁକୁଟୁମ୍ବୀ ପରିବାରରେ ଝିଅମାନଙ୍କ ପ୍ରତି ଭିନ୍ନ ପ୍ରକାରର ବ୍ୟବହାର କରାଯାଇଥାଏ । ଯେହେତୁ ଝିଅମାନଙ୍କର ଭୂମିକା ପରିବାର ମଧ୍ୟରେ ସୀମିତ ତେଣୁ ସେମାନଙ୍କର ଶୈକ୍ଷିକ ଆବଶ୍ୟକତାକୁ ଅବହେଳିତ କରାଯାଇଥାଏ ।  କେତେକ ପରିବାରରେ ଝିଅମାନଙ୍କୁ ବାଲ୍ୟକାଳ ପାଠ ପଢା ନିରୁତ୍ସାହିତ କରାଯାଏ । ତେଣୁ ସେମାନେ ଏକ ଦୁର୍ବଳ ଗୋଷ୍ଠୀ ଭାବେ ବିଦ୍ୟାଳୟ ବାହାରେ ରହିଯା'ନ୍ତି । ଝିଅମାନଙ୍କର ସମସ୍ୟା ଏବଂ ସେମାନଙ୍କର ଶିକ୍ଷଣ କୌଶଳ ବ୍ଲକ୍-୪ରେ ଅନ୍ୟ ଏକକର ସଂପୂର୍ଣ୍ଣ ଭାବେ ଆଲୋଚିତ ହୋଇଛି ।

**୭.୫.୪: ପ୍ରତିଭାବାନ ଓ ମେଧାବୀ ପିଲା**

ପିଲାମାନଙ୍କ ଠାରେ ବେଳେବେଳେ କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରତିଭା ପରିଲକ୍ଷିତ ହୁଏ ;  ଯଥା- ଖେଳ, ସଙ୍ଗୀତ, ନାଚ ଏବଂ ଚିତ୍ରାଙ୍କନ ଇତ୍ୟାଦି । କେତେକ ପିଲାଙ୍କଠାରେ ମଧ୍ୟ ପାଠ୍ୟ / ଶୈକ୍ଷିକ କ୍ଷେତ୍ର ଯଥା- ବିଜ୍ଞାନ, ଗଣିତ ଓ ଭାଷାରେ ବିଶେଷ ପ୍ରତିଭାବାନ ହୋଇଥାନ୍ତି । ଆମ ଶିକ୍ଷାବ୍ୟବସ୍ଥାରେ ପ୍ରତିଭାବାନ ପିଲାଙ୍କ ନିମନ୍ତେ ଉପଯୁକ୍ତ ପରିମାଣର ବ୍ୟବସ୍ଥା ନଥିବାରୁ ସେମାନେ ତଥା କଥିତ  ଶ୍ରେଣୀ କକ୍ଷରେ ବିରକ୍ତିଭାବ ପ୍ରକାଶ କରନ୍ତି । କେତେକ ପିଲା ସେମାନଙ୍କର ଭିନ୍ନ ପ୍ରକାରର ଚିନ୍ତାଧାରା ଏବଂ ଧାରଣା ଯୋଗୁ ସେମାନେ ଶ୍ରେଣୀ କକ୍ଷରେ ବିଶୃଙ୍ଖଳା ସୃଷ୍ଟି କରନ୍ତି । ସେହି ପ୍ରକାରର ପିଲାଙ୍କ ନିମିତ୍ତ ଆମ ବିଦ୍ୟାଳୟର ଧରାବନ୍ଧା ଶିକ୍ଷଣ ବ୍ୟବସ୍ଥା ସେମାନଙ୍କୁ ସୁହାଇନଥାଏ ବା ସେମାନଙ୍କର ଆବଶ୍ୟକତାକୁ ପୂରଣ କରିବାରେ ଅସମର୍ଥ ହୋଇଥାଏ । ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଶିକ୍ଷାର୍ଥୀଙ୍କର ଶୈକ୍ଷିକ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ବିଶେଷଧ୍ୟାନ ଦେଉନାହିଁ ।

ଏହି ପ୍ରକାରର ଶିକ୍ଷା ବ୍ୟବସ୍ଥା ପ୍ରତିଭାବାନ ଓ ମେଧାବୀ ଛାତ୍ରମାନଙ୍କୁ ଅବହେଳିତ କରୁଛି ଯାହାକି ସମାଜ ପାଇଁ ଏକ ବିପଦ ସଦୃଶ ।

**୭.୫.୫: ଅନ୍ୟାନ୍ୟ- ନିମ୍ନ ଉପଲବ୍ଧ ସ୍ତର, ସଂଖ୍ୟାଲଘୁ ସଂପ୍ରଦାୟ ଭୌଗୋଳିକ ବାଧକତା**

ଆମ ବିଦ୍ୟାଳୟର ନିମ୍ନସ୍ତରର ପିଲାମାନେ ଅଛନ୍ତି ଯେଉଁମାନେ କି ଶିକ୍ଷଣରେ ପୂର୍ଣ୍ଣତା ପ୍ରଦର୍ଶନ କରିପାରନ୍ତି ନାହିଁ । ପରିବେଶ/ଚତୁଃପାର୍ଶ୍ୱର ଭିନ୍ନଭିନ୍ନ କାରକ ହେତୁ କେତେକ ପିଲାଙ୍କର ଶିକ୍ଷଣ ଦକ୍ଷତା ପୂର୍ଣ୍ଣମାତ୍ରାରେ ବିକଶିତ ହୋଇପାରେ ନାହିଁ । ଏହି କାରକ ଗୁଡ଼ିକ ଯଥା- ଟି.ଭି.,କମ୍ପ୍ୟୁଟର, ଆମୋଦ ପ୍ରମୋଦର ସହଜ  ଉପଲବ୍ଧତା ଇତ୍ୟାଦି । ଉତ୍ତମ ପ୍ରଦର୍ଶନ ନିମନ୍ତେ ଚାପ, ପିତାମାତା, ବିଦ୍ୟାଳୟ ଓ ସର୍ବୋପରି ନିଜର ଅତ୍ୟଧିକ ମାତ୍ରାରେ ଆଶା, ଜଟିଳ ଏବଂ  ବିରକ୍ତକର ବିଦ୍ୟାଳୟ କାର୍ଯ୍ୟକଳାପ ଇତ୍ୟାଦି ଉତ୍ତମ ପ୍ରଦର୍ଶନରେ ବାଧା ସୃଷ୍ଟି କରିଥାଏ ।

କେତେକ ଗୋଷ୍ଠୀ ସେମାନଙ୍କର ଏକକ ଶାରୀରୀକ, ଭାଷାଗତ ଏବଂ ସାଂସ୍କୃତିକ ବୈଶିଷ୍ଟ୍ୟ ଯୋଗୁଁ ସେମାନଙ୍କୁ ସମାଜରେ ବାଛନ୍ଦ ଶ୍ରେଣୀ ଭାବେ ପରିଗଣିତ ହୋଇଥାନ୍ତି । ସେମାନଙ୍କର ଜୀବନଶୈଳୀ, ଭାଷା,ସଂସ୍କୃତି, ଉତ୍ପତ୍ତି, ଧର୍ମଧାରଣା ଓ ବିଶ୍ୱାସ ଓ ସମାଜର ବହୁଗୋଷ୍ଠୀଠାରୁ ଅଲଗା ହୋଇଥାଏ । ସେମାନେ ସଂଖ୍ୟାଲଘୁ ସଂପ୍ରଦାୟ ବା ଗୋଷ୍ଠୀ ଭାବରେ ବିବେଚିତ ହୁଅନ୍ତି । ଏଣୁ ସେମାନେ ସମାଜରେ ବିଭିନ୍ନ କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ଅଂଶଗ୍ରହଣ କରିବାରୁ ବଞ୍ଚିତ  ହୁଅନ୍ତି । ଯଦି ସେମାନଙ୍କର ଦରିଦ୍ରତା, ଅକ୍ଷମତା ବା ଅନ୍ୟ କୌଣସି ବାଧକତା ଥାଏ, ତେବେ ସେମାନେ ସମାଜରେ ବହୁଗୁଣରେ ଅବହେଳିତ ହୁଅନ୍ତି ।

କେତେକ କ୍ଷେତ୍ରରେ ଭୌଗୋଳିକ ପରିବେଶ ମଧ୍ୟ ଶୈକ୍ଷିକ ସୁବିଧା ପାଇବାରୁ ବଞ୍ଚିତ କରିଥାଏ । ପାର୍ବତ୍ୟାଞ୍ଚଳ,

ଅତି ଦୁର୍ଗମ ସ୍ଥାନ, ବିଚ୍ଛିନ୍ନାଞ୍ଚଳ ଇତ୍ୟାଦିର ଯାତାୟାତର ସୁବିଧା ନଥିବାରୁ ପରବର୍ତ୍ତୀ ପିଢିଙ୍କ ନିମନ୍ତେ ଶିକ୍ଷା ଅପହଞ୍ଚ ହୋଇଥାଏ  ଏବଂ ସେମାନେ ବିଦ୍ୟାଳୟରୁ ବଞ୍ଚିତ ହୋଇଥାନ୍ତି ।

**ନିଜ ଅଗ୍ରଗତି ଆକଳନ ୪**

1- କେଉଁ ଦୁଇ ପ୍ରକାରର ଇନ୍ଦ୍ରିୟଗତ ବାଧକତା ଶ୍ରେଣୀକକ୍ଷରେ ଦେଖିବାକୁମିଳେ ?

..........

..........

..........

2- ବାଲ୍ୟ କାଳରେ ସାଧାରଣତଃ କେଉଁ ସ୍ୱାସ୍ଥ୍ୟଗତ ସମସ୍ୟା ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ କରେ ଯେକୌଣସି ୨ଟିର ନାମ ଲେଖ ।

..........

..........

..........

3- ପ୍ରାରମ୍ଭିକ ସ୍ତରରେ କେଉଁକେଉଁ କାରଣରୁ  ପିଲାମାନଙ୍କ ମଧ୍ୟରେ ସ୍ୱଳ୍ପଉପଲବ୍ଧିସ୍ତର ସୃଷ୍ଟି ହୋଇଥାଏ ?

..........

..........

..........

**ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର**

1-(a) ସମସ୍ତ ପିଲାଙ୍କୁ ଶିକ୍ଷା ଦେବାପାଇଁ (ଶିକ୍ଷା ବ୍ୟବସ୍ଥାରେ ଅବହେଳିତ ଥିବାରୁ ବିପଦରେ ଥିବା)  ଅନ୍ତର୍ନିବେଶୀ ଶିକ୍ଷା ହେଉଛି ଏକ ପନ୍ଥା ।

(b) ପ୍ରତ୍ୟେକ ପିଲାକୁ ଗୋଟିଏ ଗୋଷ୍ଠୀର ସଦସ୍ୟ ଭାବେ ଗ୍ରହଣ କରିବା, ସମସ୍ତଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବା, ଶ୍ରେଣୀ କକ୍ଷକୁ ପୁନଃସଂଗଠିତ କରିବା ।

(c) ବିଦ୍ୟାଳୟ ପରିବେଶ ସମସ୍ତ ଶିକ୍ଷାର୍ଥୀଙ୍କ ନିମନ୍ତେ ଉପଯୁକ୍ତ ହେବା ଆବଶ୍ୟକତ । ଏହା ସମାଜରେ ବ୍ୟାପ୍ତ ଥିବା ବିଭେଦତାକୁ ଦୂର କରିବାରେ ସାହାଯ୍ୟ କରିବ ।

(d) ସମନ୍ୱିତ ଶିକ୍ଷା ବ୍ୟବସ୍ଥାରେ ଭିନ୍ନକ୍ଷମ / ଦିବ୍ୟାଙ୍ଗ ଶିକ୍ଷାର୍ଥୀ ସାଧାରଣ ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବା ପୂର୍ବପ୍ରସ୍ତୁତି ଆବଶ୍ୟକ ଏବଂ ଅଧିକା ସହାୟତା ନିମନ୍ତେ ପିଲାକୁ ସମ୍ବଳ କକ୍ଷରେ ବ୍ୟବସ୍ଥାନ କରାଯାଏ । ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାରେ  ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଏ ଏବଂ ସମସ୍ତ ପ୍ରକାରର ଅଭାବକୁ ଉକ୍ତ ଶ୍ରେଣୀ କକ୍ଷରେ ଶିକ୍ଷକ ନିଜେ ସହାୟତା ପ୍ରଦାନକରି ସେମାନଙ୍କୁ ସକ୍ଷମ କରିଥାନ୍ତି ।

2- ଶିକ୍ଷାର୍ଥୀଙ୍କ ମଧ୍ୟରେ ଭିନ୍ନତା, ଶିକ୍ଷଣ ସମ୍ବଳର ଉପଲବ୍ଧତା, ଶିକ୍ଷକଙ୍କ ପ୍ରସ୍ତୁତି ଏବଂ ଜଟିଳ / ଅନମନୀୟ ମୂଲ୍ୟାୟନ ବ୍ୟବସ୍ଥା ।

3- ରୂପାନ୍ତର, ପ୍ରତିସ୍ଥାପନ, ବାଦ୍‌ଦେବା, ପ୍ରତିସନ୍ତୁଳନ

4- (a) ଶ୍ରବଣ ଓ ଦୃଷ୍ଟି ବାଧିତ ।

(b) ବାଲ୍ୟକାଳରୁ ମଧୁମେହ, ଗଣ୍ଠିବାତ, ଅପସ୍ମାର, ଅପପୁଷ୍ଟି ।

## ୭.୬- ସାରାଂଶ

ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ଜାତି / ଦେଶ ପ୍ରତିଶ୍ରୁତି ବଦ୍ଧ ଅଟେ ।

ଏହି ଲକ୍ଷ୍ୟ ପୂରଣ ନିମନ୍ତେ 'ଅନ୍ତର୍ନିବେଶୀ ଶିକ୍ଷା' ପ୍ରଥପ୍ରଦର୍ଶକ ରୂପେ ଉଦ୍‌ଭାସିତ ହୋଇଛି । ସମସ୍ତ ସାମ୍ପ୍ରତିକ ଶୈକ୍ଷିକ ଯୋଜନା ଓ ନୀତି ଗୁଡିକ ଶିକ୍ଷାବ୍ୟବସ୍ଥାରେ ଏହି ଅନ୍ତର୍ନିବେଶୀ ଶିକ୍ଷାକୁ ଗୁରୁତ୍ୱ ଦେଉଛି ଯେଉଁଠାରେ କୌଣସି ପିଲା ବିଦ୍ୟାଳୟ ବାହାରେ ରହିବ ନାହିଁ ଏବଂ କୌଣସି ପିଲାକୁ ବିଦ୍ୟାଳୟରୁ ବଞ୍ଚିତ କରାଯାଇପାରିବ ନାହିଁ । ଅନ୍ତର୍ଭୁକ୍ତ ହେଉଛି ଅନ୍ତର୍ନିହିତ ସାମର୍ଥ୍ୟ ଓ ଆତ୍ମବିଶ୍ୱାସର ଅଭିବୃଦ୍ଧି କରିବା । କେତେକ ବାହ୍ୟକାରକ ଯୋଗୁଁ ଏହା ସମ୍ବନ୍ଧରେ ବିଭିନ୍ନ ମତ ପାର୍ଥକ୍ୟ ଦେଖାଯାଉଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ବିଭିନ୍ନତାକୁ ବୁଝିବା ଓ ତାକୁ ସାଦରରେ ଆପଣେଇବା ଶିକ୍ଷକଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେବା ବିଧେୟ । ସମନ୍ୱିତ ଶିକ୍ଷା ବ୍ୟବସ୍ଥା, ସମସ୍ତଙ୍କ ପିଲାମାନଙ୍କ ନିମନ୍ତେ ଉପଲବ୍ଧ ହେଉଥିବା ସାଧାରଣ ଶିକ୍ଷା ବ୍ୟବସ୍ଥାରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରାଇ ସେମାନଙ୍କୁ ଶୈକ୍ଷିକ ସହାୟତା ପ୍ରଦାନ କରିବା । ନିଃସନ୍ଦେହ ସମନ୍ୱିତ ଶିକ୍ଷା ବ୍ୟବସ୍ଥା ଅନ୍ତର୍ନିବେଶୀ ଶିକ୍ଷା ନିମନ୍ତେ ପଥ ପରିଷ୍କାର କରିଛି । ଅନ୍ତର୍ନିବେଶୀ ବ୍ୟବସ୍ଥାର ପରିବର୍ତ୍ତନକୁ ଗୁରୁତ୍ୱ ଦିଏ, ଶିକ୍ଷାର୍ଥୀଙ୍କ ପରିବର୍ତ୍ତନକୁ ନୁହେଁ । ଶିକ୍ଷାର୍ଥୀଙ୍କ ମଧ୍ୟରେ ଭିନ୍ନତା, ଶିକ୍ଷକଙ୍କ ପ୍ରସ୍ତୁତି, ଦୁର୍ବଳ ଭିତ୍ତିଭୂମି, ସମ୍ବଳର ଅଭାବ ଏବଂ ଜଟିଳ ମୂଲ୍ୟାୟନ ବ୍ୟବସ୍ଥା ଏହି ଅନ୍ତର୍ନିବେଶୀ ଶିକ୍ଷାର ଉଦ୍ଦେଶ୍ୟ ପୂରଣ ଦିଗରେ ପ୍ରତିବନ୍ଧକ ଅଟେ । ଶିକ୍ଷକଙ୍କୁ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ ସୃଷ୍ଟି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡ଼ିବ । ଦିବ୍ୟାଙ୍ଗ ପିଲାମାନେ, ପ୍ରତିଫଳନ ଓ ମେଧାବୀ ଛାତ୍ର, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ଦାରିଦ୍ର୍ୟ ପୀଡ଼ିତ ପିଲାମାନେ ଶୈକ୍ଷିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୁଅନ୍ତି ଓ ବିଦ୍ୟାଳୟରେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଶ୍ରେଣୀ କକ୍ଷରେ ସେମାନଙ୍କ ଶିକ୍ଷଣ ଆବଶ୍ୟକତାକୁ ସଠିକ୍ ଭାବରେ ଓ ଉପଯୁକ୍ତ ଶିକ୍ଷଣ ସାମଗ୍ରୀର ଏବଂ ସରଳ ଶ୍ରେଣୀ ପରିଚାଳନା କୌଶଳ ଦ୍ୱାରା ପରିପୂରଣ କରାଯାଇପାରିବ ।

## ୭.୭: ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


1. Jhulka, A. (2006) Inclusive Children youth with disabilities in Education - A Guide for Practitioners NCERT, New Delhi.
2. Right to Education 2009 MHRD, New Delhi.
3. Internet Source, SSA(2002). ' Basic Features of SSA', in SSA, Retrieved from www.ssa.nic.in/inclusive - education / ssa - plan manual available online.Provision in India ". International Journal of Inclusive Education, 2001, VOL20, No1.
4. Main M.N.G(2000). Inclusive Education in Indian Contest. International Humam Resource Development Center(IHRDC) for the Disabled, Coimbatores Ramkrishna Mission Vivekananda University.

ଟିପ୍ପଣୀ


5. Swarup, S. (2009) Inclusive education, Sixth Surven of Educational Research 1993 New Delhi 2000 NCERT.
6. Hallahar, D.P. Kauffma, J.M. fullen, P.C.(2009) Execptional learners An Introduction to Education (11 Ed.) USA: Allyw & Bacon, Pearson Education, Inc.
7. Alur, M. & Batch, M.(2005) "Inclusive Education -From Rhetori to Reality. The North South Dialogue.11" Viva Books Pvt. Ltd. New Delhi.
8. Hwang, y.s., & Evans, D.(2011) " Attitude towards Inclusive Education Gaps between Belief & Practice".International Journal of Special Education, VOL 26, No.1.
9. Kalyanpur, M.(2009) "Equality, Quality: Challanges in Inclusive Education Policy and service


## ୭.୮ ପାଠାନ୍ତ ପ୍ରଶ୍ନାବଳୀ

1. ଅନ୍ତର୍ନିବେଶୀ ଶିକ୍ଷା କହିଲେ କ'ଣ ବୁଝ ?
2. ଅନ୍ତର୍ନିବେଶୀ ଶିକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ କ'ଣ ?
3. କିପରି ଅନ୍ତର୍ନିବେଶୀ ଶିକ୍ଷା ସମନ୍ୱିତ ଶିକ୍ଷାଠାରୁ ଭିନ୍ନ ?
4. ତୁମର ଅଭିଜ୍ଞତାକୁ ଭିତ୍ତିକରି କେଉଁକେଉଁ କାରକ ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରଭାବିତ କରେ ଆଲୋଚନା କର ।
5. ସମସ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଅଂଶଗ୍ରହଣ ନିମନ୍ତେ କିପରି ଶ୍ରେଣୀ କକ୍ଷର ଭୌତିକ ପରିବେଶକୁ ଆମେ ପରିବର୍ତ୍ତନ କରିପାରିବା ?
6. 'ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଶିକ୍ଷାଦାନରୁ ବଞ୍ଚିତ ହୁଅନ୍ତି' - ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।
7. ଶିଶୁର ଗୁଣାତ୍ମକ ଶିକ୍ଷା ପାଇବାରେ କିପରି ଅବହେଳିତ ଗୃହ ପରିବେଶ ପ୍ରଭାବିତ କରେ ?